# ପରିଶିଷ୍ଟ 4

## ଷ୍ଟକ୍ ବ୍ରୋକର, ଉପ-ବ୍ରୋକର ଏବଂ ଗ୍ରାହକଙ୍କର ଅଧିକାର ଏବଂ ନୈତିକ ଦାୟିତ୍ୱ

## *ଯାହା SEBI ଏବଂ ଷ୍ଟକ୍ ଏକ୍ସଚେଞ୍ଜ ଦ୍ୱାରା ନିର୍ଦ୍ଧାରିତ ହୋଇଛି*

1. ଏକ୍ସଚେଞ୍ଜ/ସିକ୍ୟୁରିଟିଜ୍ ଏବଂ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (SEBI)ର ନିୟମ, ଉପଆଇନ ଓ ନିୟମାବଳି ଏବଂ ସେଗୁଡ଼ିକ ଅଧୀନରେ ସମୟାନୁଯାୟୀ ଜାରି ହୋଇଥିବା ପ୍ରଚାର ପତ୍ର/ବିଜ୍ଞପ୍ତିରେ ବର୍ଣ୍ଣିତ ହୋଇଥିବା ଏକ୍ସଚେଞ୍ଜରେ ରହିଥିବା କାରବାର ସହ ସମ୍ପୃକ୍ତ ସିକ୍ୟୁରିଟି/ଚୁକ୍ତି/ଅନ୍ୟ ବିଷୟରେ ଗ୍ରାହକ (ଗ୍ରାହକ) ପୁଞ୍ଜିନିବେଶ/ବାଣିଜ୍ୟ କରିବେ।

2. ଷ୍ଟକ୍ ବ୍ରୋକର, ଉପ-ବ୍ରୋକର ଏବଂ ଗ୍ରାହକ ଏକ୍ସଚେଞ୍ଜର ସମସ୍ତ ନିୟମ, ଉପନିୟମ ଓ ନିୟମାବଳି ଏବଂ ସେଗୁଡ଼ିକ ଅଧୀନରେ ଜାରି ହୋଇଥିବା ପ୍ରଚାର ପତ୍ର/ବିଜ୍ଞପ୍ତି ଏବଂ SEBIର ଆଇନ ଓ ନିୟମାବଳି ଏବଂ ସରକାରୀ କର୍ତ୍ତୃପକ୍ଷଙ୍କ ପ୍ରାସଙ୍ଗିକ ବିଜ୍ଞପ୍ତି ଯାହା ସମୟାନୁଯାୟୀ ଲାଗୁ ହୋଇଥାଏ, ତାହା ଦ୍ୱାରା ପରିଚାଳିତ ହୋଇଥାନ୍ତି।

3. ସିକ୍ୟୁରିଟି ଏବଂ/କିମ୍ବା ଉତ୍ପନ୍ନ ଚୁକ୍ତିରେ କାରବାର ପାଇଁ ଷ୍ଟକ୍ ବ୍ରୋକରଙ୍କ ସାମର୍ଥ୍ୟ ପ୍ରତି ଗ୍ରାହକ ସ୍ୱତଃ ସନ୍ତୁଷ୍ଟ ହେବେ ଏବଂ ଷ୍ଟକ୍ ବ୍ରୋକରଙ୍କ ମାଧ୍ୟମରେ ଏହାର ଆଦେଶ କାର୍ଯ୍ୟକାରୀ କରିବାକୁ ଚାହିଁଥାନ୍ତି ଏବଂ ଗ୍ରାହକ ଷ୍ଟକ୍ ବ୍ରୋକରଙ୍କ ମାଧ୍ୟମରେ ଆଦେଶ କାର୍ଯ୍ୟକାରୀ କରିବା ପୂର୍ବରୁ ଷ୍ଟକ୍ ବ୍ରୋକରଙ୍କ ଏହି ସାମର୍ଥ୍ୟ ପ୍ରତି ସ୍ୱତଃ ସନ୍ତୁଷ୍ଟ ହେବା ଜାରି ରଖିବେ।

4. ଷ୍ଟକ୍ ବ୍ରୋକର ସଦାସର୍ବଦା ନିଜକୁ ନିଜେ ଗ୍ରାହକଙ୍କର ଯଥାର୍ଥତା ଏବଂ ଆର୍ଥିକ ସ୍ୱଚ୍ଛଳତା ଏବଂ ପ୍ରଦାନ କରାଯିବାକୁ ଥିବା ସେବାଗୁଡ଼ିକ ସହ ସଂପୃକ୍ତ ପୁଞ୍ଜିନିବେଶ ଉଦ୍ଦେଶ୍ୟର ଯଥାର୍ଥତାସମ୍ବନ୍ଧରେ ସନ୍ତୁଷ୍ଟ ହେବେ।

5. ପରିଚାଳିତ ହେବାକୁ ଥିବା ବ୍ୟବସାୟ ପାଇଁ ଷ୍ଟକ୍ ବ୍ରୋକରଙ୍କ ଉତ୍ତରଦାୟିତ୍ୱର ଯଥାର୍ଥ ପ୍ରକୃତି, ଯଥା ଯେ କୌଣସି ପ୍ରତିବନ୍ଧକ, ଉତ୍ତରଦାୟିତ୍ୱ ଏବଂ ସାମର୍ଥ୍ୟ ଯେଉଁଥିରେ ଷ୍ଟକ୍ ବ୍ରୋକର କାର୍ଯ୍ୟ କରିଥାଆନ୍ତି ସେ ସମ୍ବନ୍ଧରେ ଗ୍ରାହକକୁ ସଚେତନ କରିବା ପାଇଁ ଷ୍ଟକ୍ ବ୍ରୋକର ପଦକ୍ଷେପ ନେବେ।

6. ଷ୍ଟକ୍ ବ୍ରୋକରଙ୍କର ଗ୍ରାହକ(ଗଣ)ଙ୍କ ସହ ସମସ୍ତ କାରବାର କ୍ଷେତ୍ରରେ ଉପ-ବ୍ରୋକର ଷ୍ଟକ୍ ବ୍ରୋକରଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେବେ ଏବଂ ସହଯୋଗ କରିବେ।

**ଗ୍ରାହକ ସୂଚନା**

7. "ଆକାଉଣ୍ଟ ଖୋଲିବା ଫର୍ମ"ରେ ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା ଆବଶ୍ୟକ ହେଉଥିବା ସମସ୍ତ ବିବରଣୀ ଗ୍ରାହକ ସମ୍ପୂର୍ଣ୍ଣ ଭାବେ ସମର୍ଥିତ ବିଶଦ ବିବରଣୀ ସହିତ ପ୍ରଦାନ କରିବେ, ଯାହା ଷ୍ଟକ୍ ଏକ୍ସଚେଞ୍ଜ/SEBI ଦ୍ୱାରା ସମୟାନୁଯାୟୀ, ବାଧ୍ୟତାମୂଳକ କରାଯାଇଛି।

8. ଗ୍ରାହକ ଜଣକ ଆକାଉଣ୍ଟ ଖୋଲିବା ଡକ୍ୟୁମେଣ୍ଟରେ ଥିବା ସମସ୍ତ ବାଧ୍ୟତାମୂଳକ ବ୍ୟବସ୍ଥା ସହିତ ନିଜକୁ ପରିଚିତ କରାଇବେ। ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା ନିର୍ଦ୍ଧାରିତ ଯେକୌଣସି ଅତିରିକ୍ତ ଧାରା କିମ୍ବା ଡକ୍ୟୁମେଣ୍ଟ ଅଣ-ବାଧ୍ୟତାମୂଳକ ଅଟେ, ଗ୍ରାହକଙ୍କ ଦ୍ୱାରା ସ୍ୱୀକାର କରାଯାଇଥିବା ଚୁକ୍ତି ଓ ସର୍ତ୍ତାବଳି ଅନୁଯାୟୀ ହୋଇଥାଏ।

9. ଆକାଉଣ୍ଟ ଖୋଲିବା ସମୟରେ ଏବଂ ତାପରେ ଆକାଉଣ୍ଟ ଖୋଲିବା ଫର୍ମରେ ପ୍ରଦତ୍ତ ସୂଚନାରେ ଯଦି କୌଣସି ପରିବର୍ତ୍ତନ ହୋଇଥାଏ ତେବେ ଗ୍ରାହକ ଷ୍ଟକ୍ ବ୍ରୋକରଙ୍କୁ ତାହା ସଙ୍ଗେ ସଙ୍ଗେ ସୂଚିତ କରିବେ, ଯେପରିକି ବନ୍ଦ କରିବା ପିଟିସନ୍/ପରିଶୋଧ ଅକ୍ଷମତା ପିଟିସନ୍ କିମ୍ବା ଯେ କୌଣସି ବିବାଦ ଯାହାକି ତାଙ୍କର କ୍ଷମତା ଉପରେ ପ୍ରଭାବ ପକାଉଥାଏ ତାହା ଉପରେ ଆଧାରିତ ସୂଚନା। ଗ୍ରାହକ ନିର୍ଦ୍ଦିଷ୍ଟ ଅବଧିରେ ଷ୍ଟକ୍ ବ୍ରୋକରଙ୍କୁ ଆର୍ଥିକ ସୂଚନା ପ୍ରଦାନ/ଅପଡେଟ୍ କରିବେ।

10. ଷ୍ଟକ୍ ବ୍ରୋକର ଏବଂ ଉପ-ବ୍ରୋକର ଗ୍ରାହକଙ୍କ ସମ୍ବନ୍ଧରେ ଆକାଉଣ୍ଟ ଖୋଲିବା ଫର୍ମରେ ଉଲ୍ଲିଖିତ ସମସ୍ତ ତଥ୍ୟ କିମ୍ବା ଗ୍ରାହକଙ୍କ ସହ ଜଡ଼ିତ ଅନ୍ୟ ଯେ କୌଣସି ସୂଚନା ଗୋପନୀୟ ଭାବେ ବଜାୟ ରଖିବେ ଏବଂ ସେମାନେ ତାହା କୌଣସି ଆଇନ/ନିୟାମକ ଆବଶ୍ୟକତା ଅଧୀନରେ ଦରକାର ନ ହେଉଥିବା ସ୍ଥଳେ କୌଣସି ବ୍ୟକ୍ତି/ଅଧିକାରୀଙ୍କୁ ପରିପ୍ରକାଶ କରିବେ ନାହିଁ। ଅବଶ୍ୟ ଷ୍ଟକ୍ ବ୍ରୋକର ହୁଏତ ଗ୍ରାହକଙ୍କ ସ୍ୱତନ୍ତ୍ର ପ୍ରକାଶ୍ୟ ଅନୁମତି ମାଧ୍ୟମରେ ଯେ କୌଣସି ବ୍ୟକ୍ତି କିମ୍ବା ଅଧିକାରୀଙ୍କୁ ତାଙ୍କର ଗ୍ରାହକଙ୍କ ସମ୍ବନ୍ଧରେ ସୂଚନା ପ୍ରକାଶ କରିପାରନ୍ତି।

**ମାର୍ଜିନ**

11. ଗ୍ରାହକ ପ୍ରଯୁଜ୍ୟ ପ୍ରାରମ୍ଭିକ ମାର୍ଜିନ, ଅଟକ ମାର୍ଜିନ, ସ୍ୱତନ୍ତ୍ର ମାର୍ଜିନ କିମ୍ବା ଏହିଭଳି ଅନ୍ୟ ମାର୍ଜିନ ଯାହା ଷ୍ଟକ୍ ବ୍ରୋକର ଏକ୍ସଚେଞ୍ଜ ଦ୍ୱାରା ଆବଶ୍ୟକ ବୋଲି ବିଚାର କରାଯାଇଥାଏ କିମ୍ବା ଗ୍ରାହକ ଟ୍ରେଡ୍ କରୁଥିବା ଅଂଶ(ଗୁଡ଼ିକ) ଅର୍ଥାତ୍ ସେଗମେଣ୍ଟ ପ୍ରତି ସମୟାନୁଯାୟୀ ପ୍ରଯୁଜ୍ୟ ମାର୍ଜିନ SEBI ଦ୍ୱାରା ହୁଏତ ନିର୍ଦ୍ଦେଶିତ ହୋଇପାରେ ପୈଠ କରିବେ। ଅତିରିକ୍ତ ମାର୍ଜିନ ସଂଗ୍ରହ କରିବା ପାଇଁ (ଯଦିଓ ଏକ୍ସଚେଞ୍ଜ, କ୍ଲିଅରିଂ ହାଉସ୍/କ୍ଲିଅରିଂ କର୍ପୋରେସନ୍ କିମ୍ବା SEBI ଦ୍ୱାରା ଆବଶ୍ୟକ ହୋଇନଥାଏ) ଷ୍ଟକ୍ ବ୍ରୋକର

ଜଣକ ନିଜର ସ୍ୱତନ୍ତ୍ର ଏବଂ ସମ୍ପୂର୍ଣ୍ଣ ଅଧିକାର ବଳରେ ଅନୁମତିପ୍ରାପ୍ତ ଅଟନ୍ତି ଏବଂ ଗ୍ରାହକ ଏହିଭଳି ମାର୍ଜିନ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରଦାନ କରିବା ପାଇଁ ବାଧ୍ୟ ହେବେ।

12. ଗ୍ରାହକ ବୁଝିଛନ୍ତି ଯେ ତାଙ୍କ ଦ୍ୱାରା ମାର୍ଜିନଗୁଡ଼ିକର ଦେୟ ସମସ୍ତ ପାଉଣା ରାଶି ସମ୍ପୂର୍ଣ୍ଣ ପରିଶୋଧ କରିବାକୁ ସୂଚାଏ ନାହିଁ। ସୁସଙ୍ଗତ ଭାବେ ମାର୍ଜିନଗୁଡ଼ିକ ଦେୟ ସେବା ସତ୍ତ୍ୱେ, ଗ୍ରାହକ ହୁଏତ, ଏହାର ଟ୍ରେଡ୍ ମୀମାଂସା କ୍ଷେତ୍ରରେ, ଚୁକ୍ତି ହୁଏତ ଚିହ୍ନଟ/ଆବଶ୍ୟକ କରୁଥିବା ଏହିଭଳି ଅଧିକ ଅର୍ଥରାଶି, ପ୍ରଦାନ କରିବା ପାଇଁ (କିମ୍ବା ପ୍ରାପ୍ତ କରିବାକୁ ହକ୍‌ଦାର)ବାଧ୍ୟ ହେବେ।

**ଦେଣନେଣ ଏବଂ ମୀମାଂସା**

13. ଗ୍ରାହକ ଏକ ସିକ୍ୟୁରିଟି/ଡେରିଭେଟିଭ୍ କଣ୍ଟ୍ରାକ୍ଟ ଅର୍ଥାତ୍ ଉତ୍ପନ୍ନ ଚୁକ୍ତିର କ୍ରୟ କିମ୍ବା ବିକ୍ରୟ ନିମନ୍ତେ ଲିଖିତ ଭାବେ କିମ୍ବା ଏହିଭଳି ଫର୍ମ କିମ୍ବା ଉପାୟରେ ଯେ କୌଣସି ଅର୍ଡର ଦେବେ, ତାହା ହୁଏତ ଗ୍ରାହକ ଏବଂ ଷ୍ଟକ୍ ବ୍ରୋକରଙ୍କ ମିଳିତ ସମ୍ମତିରେ ହୋଇଥାଏ। ଷ୍ଟକ୍ ବ୍ରୋକର କେବଳ ସେହି ଗ୍ରାହକଙ୍କୁ ଦିଆଯାଇଥିବା ଅନନ୍ୟ ଗ୍ରାହକ କୋଡ୍‌ରେ, ଅର୍ଡର ରଖିବା ଏବଂ ଗ୍ରାହକଙ୍କ ଟ୍ରେଡ୍ କାର୍ଯ୍ୟକାରୀ କରିବା ସୁନିଶ୍ଚିତ କରିବେ।

14. ଷ୍ଟକ୍ ବ୍ରୋକର ଗ୍ରାହକଙ୍କୁ ସୂଚିତ କରିବେ ଏବଂ ଟ୍ରେଡିଂ/ମୀମାଂସା ଚକ୍ର, ଦେୟ ପ୍ରଦାନ ସୂଚୀ, ସମୟାନୁଯାୟୀ ହେଉଥିବା ଯେ କୌଣସି ପରିବର୍ତ୍ତନ ସମ୍ବନ୍ଧରେ ତାଙ୍କୁ ଅବଗତ କରାଇବେ, ଏବଂ ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜ ଯେଉଁଠାରେ ଟ୍ରେଡ୍ କାର୍ଯ୍ୟକାରୀ ହୋଇଥାଏ ତାହାର ଏହିଭଳି ସିକ୍ୟୁରିଟି/ପ୍ରକ୍ରିୟା ସହିତ ତାଳମେଳ ରଖିବା ଗ୍ରାହକଙ୍କ ଦାୟିତ୍ୱ ହେବ।

15. ଷ୍ଟକ୍ ବ୍ରୋକର ଏହା ସୁନିଶ୍ଚିତ କରିବେ ଯେ ଗ୍ରାହକଙ୍କ ଦ୍ୱାରା ଜମା ହୋଇଥିବା ଅର୍ଥ/ସିକ୍ୟୁରିଟି ଏକ ପୃଥକ୍ ଆକାଉଣ୍ଟରେ ରହିବ, ତାଙ୍କର ଏହାର ଆକାଉଣ୍ଟ କିମ୍ବା ଅନ୍ୟ କେହି ଗ୍ରାହକଙ୍କ ଆକାଉଣ୍ଟଠାରୁ ଭିନ୍ନ ହେବ ଏବଂ ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା ନିଜ ପାଇଁ କିମ୍ବା ଅନ୍ୟ କେହି ଗ୍ରାହକଙ୍କ ପାଇଁ କିମ୍ବା SEBIର ଆଇନ, ନିୟମାବଳି, ପ୍ରଚାର ପତ୍ର, ବିଜ୍ଞପ୍ତି, ନିର୍ଦ୍ଦେଶାବଳି ଏବଂ/କିମ୍ବା ଏକ୍ସଚେଞ୍ଜର ଆଇନ, ନିୟମାବଳି, ଉପ-ଆଇନ, ପ୍ରଚାର ପତ୍ର ଏବଂ ବିଜ୍ଞପ୍ତିରେ ଉଲ୍ଲିଖିତ ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟ ପାଇଁ ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା ବ୍ୟବହୃତ ହେବ ନାହିଁ।

16. ଏକ୍ସଚେଞ୍ଜ ନିଜ ଇଚ୍ଛାରେ ଏହିଭଳି ଟ୍ରେଡଗୁଡ଼ିକ ଯଥା ଗ୍ରାହକଙ୍କ ପକ୍ଷରୁ କରାଯାଇଥିବା ଟ୍ରେଡ୍/ଗୁଡ଼ିକ ବାତିଲ୍ ହୋଇଥାଏ, ଗ୍ରାହକ(ଗଣ)ଙ୍କ ସହ ସମ୍ପୃକ୍ତ ଚୁକ୍ତି(ଗୁଡ଼ିକ) ବାତିଲ୍ କରିବା ପାଇଁ ଷ୍ଟକ୍ ବ୍ରୋକରଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯିବ।

17. ଏକ୍ସଚେଞ୍ଜରେ କାର୍ଯ୍ୟକାରୀ ହେଉଥିବା କାରବାରଗୁଡ଼ିକ ଏକ୍ସଚେଞ୍ଜ ଅଧୀନରେ ଜାରି ହୋଇଥିବା ଆଇନ, ଉପ-ଆଇନ ଓ ନିୟମାବଳି ଏବଂ ପ୍ରଚାର ପତ୍ର ଏବଂ ବିଜ୍ଞପ୍ତି ଅନୁଯାୟୀ ହୋଇଥାଏ ଯେଉଁଠାରେ ଟ୍ରେଡ୍ କାର୍ଯ୍ୟକାରୀ ହୋଇଥାଏ ଏବଂ ଏହିଭଳି ଟ୍ରେଡକୁ ସମସ୍ତ ପକ୍ଷଗୁଡ଼ିକ ଏହିଭଳି ନ୍ୟାୟାଳୟର ବିଚାର ପରିସରଭୁକ୍ତ ହେବେ ଯାହା ଏକ୍ସଚେଞ୍ଜର ଉପଆଇନ ଏବଂ ନିୟମାବଳି ଦ୍ୱାରା ନିର୍ଦ୍ଧାରିତ ହୋଇପାରେ ଯେଉଁଠାରେ ଏକ୍ସଚେଞ୍ଜର ଆଇନ, ଉପଆଇନ ଓ ନିୟମାବଳି ଏବଂ ଏହା ଅଧୀନରେ ଜାରି ହୋଇଥିବା ପ୍ରଚାର ପତ୍ର/ବିଜ୍ଞପ୍ତିର ବ୍ୟବସ୍ଥାଗୁଡ଼ିକୁ ଲାଗୁ କରିବା ଉଦ୍ଦେଶ୍ୟରେ ଟ୍ରେଡ୍ କାର୍ଯ୍ୟକାରୀ କରାଯାଇଥାଏ।

**ବ୍ରୋକରେଜ୍**

18. ଗ୍ରାହକ ଷ୍ଟକ୍ ବ୍ରୋକର ବ୍ରୋକରେଜ୍ ଏବଂ ବୈଧାନିକ ଶୁଳ୍କ ଯାହା ସମୟାନୁଯାୟୀ ପ୍ରଚଳିତ ହେଉଥାଏ ସେଥିପାଇଁ ଦେୟ ପ୍ରଦାନ କରିବେ, କାରଣ ସେଗୁଡ଼ିକ ଗ୍ରାହକଙ୍କ ଆକାଉଣ୍ଟ, କାରବାର ଏବଂ ଷ୍ଟକ୍ ବ୍ରୋକର ଗ୍ରାହକଙ୍କୁ ପ୍ରଦାନ କରୁଥିବା ସେବାଗୁଡ଼ିକ ପ୍ରତି ଲାଗୁ ହୋଇଥାଏ। ଷ୍ଟକ୍ ବ୍ରୋକର ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜର ଆଇନ, ନିୟମାବଳି ଏବଂ ଉପଆଇନ ଏବଂ/କିମ୍ବା SEBIର ଆଇନ ଓ ନିୟମାବଳି ଅନୁଯାୟୀ ଅନୁମୋଦିତ ସର୍ବାଧିକ ବ୍ରୋକରେଜଠାରୁ ଅଧିକ ବ୍ରୋକରେଜ୍ ଲାଗୁ କରିବେ ନାହିଁ।

**ସମାପନ ଅର୍ଥାତ୍ ଲିକ୍ୟୁଡେସନ୍ ଏବଂ ସ୍ଥିତି ବନ୍ଦ କରିବା**

19. ଷ୍ଟକ୍ ବ୍ରୋକରଙ୍କ ଅନ୍ୟ ଅଧିକାରଗୁଡ଼ିକ (ଯଥା ମଧ୍ୟସ୍ଥତା କରିବା ପାଇଁ ଏକ ଘଟଣାକୁ ସୁପାରିଶ କରିବା ଅଧିକାର) ପୂର୍ବଧାରଣା ନକରି, ଗ୍ରାହକ ବୁଝିଛନ୍ତି ଯେ ଗ୍ରାହକଙ୍କ ମାର୍ଜିନ କିମ୍ବା ଅନ୍ୟ ଅର୍ଥରାଶି, ବାକି ଋଣ, ଇତ୍ୟାଦି ପ୍ରଦାନ ନକରିବା କ୍ଷେତ୍ରରେ ଯଦି କିଛି ଥାଏ, ଗ୍ରାହକ ଉତ୍ତରଦାୟିତ୍ୱ/ନୈତିକ ବିପକ୍ଷରେ, ସେ କ୍ଷେତ୍ରରେ, ସମସ୍ତ କିମ୍ବା ଯେକୌଣସି ଗ୍ରାହକ ସ୍ଥିତି ସମାପନ/ବନ୍ଦ କରିବା ଏବଂ ଏହିଭଳି ସମାପନ/ବନ୍ଦ ପ୍ରକ୍ରିୟା ନିୟନ୍ତ୍ରଣ କରିବା ପାଇଁ, ଷ୍ଟକ୍ ବ୍ରୋକରଙ୍କୁ ଅଧିକାର ପ୍ରଦାନ କରାଯାଇଛି।

20. ଗ୍ରାହକଙ୍କ ମୃତ୍ୟୁ କିମ୍ବା ଦେବାଳିଆ ହେବା ଘଟଣାରେ କିମ୍ବା ତାଙ୍କର/ଏହାର ଅନ୍ୟଥା କାରବାର ସିକ୍ୟୁରିଟି ଯାହା କ୍ରୟ କିମ୍ବା ବିକ୍ରୟ କରିବା ପାଇଁ ଗ୍ରାହକ ଅର୍ଡର ଦେଇଛନ୍ତି ତାହା ଗ୍ରହଣ ଏବଂ ସେଥିପାଇଁ ଦେୟ ପ୍ରଦାନ କିମ୍ବା ପ୍ରଦାନ କିମ୍ବା ସ୍ଥାନାନ୍ତର କରିବାରେ ଅସମର୍ଥ ହେବା କ୍ଷେତ୍ରରେ, ଷ୍ଟକ୍ ବ୍ରୋକର ହୁଏତ ଗ୍ରାହକଙ୍କ କାରବାର ବନ୍ଦ ଏବଂ କ୍ଷତି ଦାବି କରିପାରନ୍ତି, ଯଦି କୌଣସି ଥାଏ, ଗ୍ରାହକ ଇଷ୍ଟେଟ ବିପକ୍ଷରେ। ଗ୍ରାହକ କିମ୍ବା ତାଙ୍କର ମନୋନୀତ ବ୍ୟକ୍ତି ଉତ୍ତରାଧିକାରୀ, ଦାୟାଦ ଏବଂ ସମ୍ପତ୍ତି ଗ୍ରହୀତା ଅର୍ଥାତ୍ ଆସାଇନି ଯେକୌଣସି ବଳକା ପାଣ୍ଠି ପାଇବାକୁ ହକଦାର୍ ହେବେ, ଯାହା ହୁଏତ ସେଥିରୁ ଉତ୍ପନ୍ନ ହୋଇଥାଏ। ଗ୍ରାହକ ଧ୍ୟାନ ଦେବା

ଉଚିତ ଯେ, ମନୋନୀତ ବ୍ୟକ୍ତିଙ୍କ ସପକ୍ଷରେ ପାଣ୍ଠି/ସିକ୍ୟୁରିଟି ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା ଆଇନଗତ ଉତ୍ତରାଧିକାରୀଉତ୍ତରାଧିକାରୀଙ୍କ ବାବଦକୁ ବୈଧ ନିଷ୍ପାଦନ ହେବ|

21. ଷ୍ଟକ୍ ବ୍ରୋକର ଜଣେ ଗ୍ରାହକଙ୍କ ଦ୍ୱାରା ଦେୟ ପ୍ରଦାନ/ବିତରଣ ଖିଲାପି ଏବଂ ସମ୍ବନ୍ଧିତ ଦିଗଗୁଡ଼ିକ ସମ୍ବନ୍ଧରେ ସମ୍ପୃକ୍ତ ଏକ୍ସଚେଞ୍ଜର ଦୃଷ୍ଟି ଆକର୍ଷଣ କରିବେ। ଖିଲାପକାରୀ ଗ୍ରାହକ କର୍ପୋରେଟ୍ ସତ୍ତା ଅର୍ଥାତ୍ ଏଣ୍ଟିଟି/ଭାଗୀଦାର/ମାଲିକାନା ସଂସ୍ଥା କିମ୍ବା ଅନ୍ୟ କୌଣସି କୃତ୍ରିମ ଆଇନଗତ ସତ୍ତା ହେବା କ୍ଷେତ୍ରରେ ଘଟନା ଅନୁଯାୟୀ, ତେବେ ଡାଇରେକ୍ଟର(ଗଣ)/ପ୍ରମୋଟର(ଗଣ)/ ପ୍ରୋପାଇଟର(ଗଣ)ଙ୍କ ନାମ, ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା ସମ୍ପୃକ୍ତ ଏକ୍ସଚେଞ୍ଜ(ସମୂହ)କୁ ଜଣାଇ ଦିଆଯିବ।

**ବିବାଦ ସମାଧାନ**

22. ଷ୍ଟକ୍ ବ୍ରୋକର ଗ୍ରାହକଙ୍କୁ ସମ୍ପୃକ୍ତ ଏକ୍ସଚେଞ୍ଜ ଏବଂ SEBIର ପ୍ରାସଙ୍ଗିକ ଯୋଗାଯୋଗ ସବିଶେଷ ଯୋଗାଇଦେବେ।

23. ଏହା ମାଧ୍ୟମରେ ସଂଘଟିତ ସମସ୍ତ କାରବାର ଏବଂ ଅଂଶଧନର ଖରାପ ବିତରଣ ନିମନ୍ତେ ଆରୋପଗୁଡ଼ିକର ଅପସାରଣ, ଖରାପ ବିତରଣର ପରିଶୋଧନ ଇତ୍ୟାଦି କ୍ଷେତ୍ରରେ ଷ୍ଟକ୍ ବ୍ରୋକର ଗ୍ରାହକଙ୍କ ଅଭିଯୋଗ ପ୍ରତିକାର କରିବାରେ ସହଯୋଗ କରିବେ।

24. ଗ୍ରାହକ ଏବଂ ଷ୍ଟକ୍ ବ୍ରୋକର ଜମା, ମାର୍ଜିନ ଅର୍ଥ ଇତ୍ୟାଦି ସହିତ ଜଡ଼ିତ ଯେକୌଣସି ଦାବି ଏବଂ/କିମ୍ବା ବିବାଦକୁ ଏକ୍ସଚେଞ୍ଜର ଆଇନ, ଉପଆଇନ ଏବଂ ନିୟମାବଳି ଅଧୀନରେ ମଧ୍ୟସ୍ଥତା ପାଇଁ ସୁପାରିଶ କରିବେ ଯେଉଁଠାରେ ଟ୍ରେଡ୍ କାର୍ଯ୍ୟକାରୀ ହୋଇଥାଏ ଏବଂ ତାହା ଅଧୀନରେ ଜାରି ହେଉଥିବା ପ୍ରଚାର ପତ୍ର/ବିଜ୍ଞପ୍ତି ହୁଏତ ସମୟାନୁଯାୟୀ ଲାଗୁ ହୋଇପାରେ।

25. ଷ୍ଟକ୍ ବ୍ରୋକର ତାଙ୍କର ଏବଂ ଗ୍ରାହକଙ୍କ ମଧ୍ୟରେ ଚାଲିଥିବା କାରବାରରୁ ଉପୁଜିଥିବା ବିବାଦର ଶୀଘ୍ର ମୀମାଂସା ସୁନିଶ୍ଚିତ କରିବେ ଏବଂ ଏହିଭଳି ପ୍ରକ୍ରିୟାରେ ମଧ୍ୟସ୍ଥତା ନିଷ୍ପତ୍ତି ଲାଗୁ କରିବା ପାଇଁ ସେ ଉତ୍ତରଦାୟୀ ରହିବେ।

26. ଗ୍ରାହକ/ଷ୍ଟକ୍ ବ୍ରୋକର ବୁଝିଛନ୍ତି ଯେ ଗ୍ରାହକ/ଷ୍ଟକ୍ ବ୍ରୋକରଙ୍କର ଯଦି କୌଣସି ବିବାଦ ରହିଥାଏ ତାହାର ସମାଧାନ ପାଇଁ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶାବଳି ଗ୍ରାହକ/ଷ୍ଟକ୍ ବ୍ରୋକରଙ୍କ ପାଇଁ ବାଧ୍ୟତାମୂଳକ ହେବ ତାହା ସମ୍ପୃକ୍ତ ଗ୍ରାହକ/ଷ୍ଟକ୍ ବ୍ରୋକରଙ୍କ ପକ୍ଷରୁ ବିବାଦର ମୀମାଂସା କରିବା ପାଇଁ ନିଯୁକ୍ତ ସେହି ପ୍ରତିନିଧିଙ୍କ ପ୍ରମାଣ ଥିବା ପତ୍ର ଅନୁଯାୟୀ ପାଳନ ହୋଇଥାଏ।

**ସମ୍ପର୍କର ଅବସାନ**

27. ଷ୍ଟକ୍ ବ୍ରୋକର ଏବଂ ଗ୍ରାହକଙ୍କ ମଧ୍ୟରେ ଏହି ସମ୍ପର୍କ ବାତିଲ୍ ହେବ ଯଦି ଷ୍ଟକ୍ ବ୍ରୋକର କୌଣସି କାରଣ ପାଇଁ ଷ୍ଟକ୍ ଏକ୍ସଚେଞ୍ଜର ଜଣେ ସଦସ୍ୟ ହେବା ବିରତ ହୁଅନ୍ତି ଯଥା ଷ୍ଟକ୍ ବ୍ରୋକରଙ୍କ ଖିଲାପି, ମୃତ୍ୟୁ, ଇସ୍ତଫା କିମ୍ବା ବହିଷ୍କରଣ କିମ୍ବା ଯଦି ବୋର୍ଡ ଦ୍ୱାରା ପ୍ରମାଣପତ୍ରଟି ବାତିଲ୍ ହେବା କାରଣରୁ ସଦସ୍ୟତା ରଦ୍ଦ ହୁଏ।

28. ଅନ୍ୟ ପକ୍ଷଙ୍କୁ କୌଣସି କାରଣ ନ ଦର୍ଶାଇ, ଅନ୍ୟ ପକ୍ଷମାନଙ୍କୁ ଏକ ମାସରୁ ଉର୍ଦ୍ଧ୍ୱ ସମୟ ପୂର୍ବରୁ ଲିଖିତ ଭାବେ ନୋଟିସ୍ ଦେଇ, ଷ୍ଟକ୍ ବ୍ରୋକର, ଉପବ୍ରୋକର ଏବଂ ଗ୍ରାହକ ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କ ବାତିଲ୍ କରିବା ପାଇଁ ହକଦାର୍ ହେବେ। ଏହିଭଳି କୌଣସି ବାତିଲ୍ ସତ୍ତ୍ୱେ, ଏହି ସମ୍ପର୍କର ଅବସାନ ଘଟିବା ପୂର୍ବରୁ ପ୍ରବେଶ କରାଯାଇଥିବା କାରବାର କ୍ଷେତ୍ରରେ କିମ୍ବା ସେଥିରୁ ଉପୁଜିଥିବା ପକ୍ଷମାନଙ୍କର ଅଧିକାର, ଉତ୍ତରଦାୟିତ୍ୱ ଏବଂ ଦାୟ ବଳବତ୍ତର ରହିବ, ଘଟଣା ଅନୁଯାୟୀ ସମ୍ପୃକ୍ତ ପକ୍ଷ କିମ୍ବା ତାଙ୍କର/ଏହାର ଉତ୍ତରାଧିକାରୀ, କାର୍ଯ୍ୟନିର୍ବାହକାରୀ, ବ୍ୟବସ୍ଥାପକ, ଆଇନଗତ ପ୍ରତିନିଧି କିମ୍ବା ଉତ୍ତରାଧିକାରୀଙ୍କ ପ୍ରତି ନ୍ୟସ୍ତ/ବାଧ୍ୟତାମୂଳକ ହେବ ।

29. ଉପବ୍ରୋକରଙ୍କ ମୃତ୍ୟୁ/ସେ ଦେବାଳିଆ ହେବା ଘଟଣା କ୍ଷେତ୍ରରେ କିମ୍ବା ବୋର୍ଡ ସହିତ ତାଙ୍କର/ତାହାର ପଞ୍ଜିକରଣ ବାତିଲ୍ ହେବା କ୍ଷେତ୍ରରେ କିମ୍ବା/ଷ୍ଟକ୍ ଏକ୍ସଚେଞ୍ଜ ଦ୍ୱାରା ଉପବ୍ରୋକରର ମାନ୍ୟତା ପ୍ରତ୍ୟାହାର ହେବା କ୍ଷେତ୍ରରେ କିମ୍ବା/କାରଣ ଯାହାହେଉ ଥାଉନା କାହିଁକି, ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା ଉପବ୍ରୋକରଙ୍କ ସହିତ ଚୁକ୍ତି ରଦ୍ଦ ହେବା ଘଟଣାରେ, ଗ୍ରାହକଙ୍କୁ ଏପରି ରଦ୍ଦ ଘଟଣା ବିଷୟରେ ଅବଗତ କରାଯିବ ଏବଂ ଗ୍ରାହକଙ୍କୁ ଷ୍ଟକ୍ ବ୍ରୋକରଙ୍କ ପ୍ରତ୍ୟକ୍ଷ ଗ୍ରାହକ ଭାବରେ ବିବେଚନା କରାଯିବ ଏବଂ ଗ୍ରାହକ ଷ୍ଟକ୍ ବ୍ରୋକରଙ୍କୁ ସେମାନଙ୍କ ସମ୍ପର୍କ ବାତିଲ୍ କରିବା ସମ୍ବନ୍ଧରେ ତାଙ୍କର/ତାହାର ଇଚ୍ଛାକୁ ଏକ ମାସରୁ ଉର୍ଦ୍ଧ୍ୱ ସମୟ ପୂର୍ବରୁ ଲିଖିତ ଭାବେ ନୋଟିସ୍ ଦେଇ ସେ ବିଷୟରେ ନଜଣାଇବା ସ୍ଥଳେ, ଷ୍ଟକ୍ ବ୍ରୋକର, ଉପବ୍ରୋକର ଏବଂ ଗ୍ରାହକଙ୍କୁ ନିୟନ୍ତ୍ରଣ କରୁଥିବା "ଅଧିକାର ଏବଂ ନୈତିକ ଦାୟିତ୍ୱ" ଡକ୍ୟୁମେଣ୍ଟର ସମସ୍ତ ଧାରା ପୂର୍ବ ପରି ଲାଗୁ ହେବା ଜାରି ରହିବ।

**ଅତିରିକ୍ତ ଅଧିକାର ଏବଂ ନୈତିକ ଦାୟିତ୍ୱ**

30. ଷ୍ଟକ୍ ବ୍ରୋକର ଏହା ମାଧ୍ୟମରେ ରଦ୍ଦ ହୋଇଥିବା କାରବାର ଦୃଷ୍ଟିରୁ ଗ୍ରାହକଙ୍କର ଲାଭାଂଶ ସମ୍ବନ୍ଧିତ ଅଧିକାର, ଅଧିକାର କିମ୍ବା ବୋନସ୍ ସେୟାର୍, ଇତ୍ୟାଦି ବିଷୟରେ ଉଚିତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବେ ଏବଂ ଏହା ଏପରି କିଛି କରିବ ନାହିଁ ଯାହା ଗ୍ରାହକଙ୍କର ସ୍ୱାର୍ଥକୁ କ୍ଷତି ପହଞ୍ଚାଇବାର ସମ୍ଭାବନା ରହିଛି, ସେହି ଗ୍ରାହକଙ୍କ ସହିତ ଏବଂ ତାଙ୍କ ପାଇଁ ସେମାନେ ହୁଏତ ସିକ୍ୟୁରିଟି କ୍ଷେତ୍ରରେ ଦେଣନେଣ କରିଥିଲେ।

31. ଷ୍ଟକ୍ ବ୍ରୋକର ଏବଂ ଗ୍ରାହକ SEBI ଏବଂ ସମ୍ପୃକ୍ତ ଏକ୍ସଚେଞ୍ଜ ଯେଉଁଠାରେ ଟ୍ରେଡ୍ କାର୍ଯ୍ୟକାରୀ ହୋଇଥାଏ ସେଗୁଡ଼ିକ ଦ୍ୱାରା ସମୟାନୁଯାୟୀ ଜାରି ହୋଇଥିବା ଆଇନ, ନିୟମାବଳି, ଉପ ଆଇନ, ପ୍ରଚାର ପତ୍ର, ବିଜ୍ଞପ୍ତି ଏବଂ ନିର୍ଦ୍ଦେଶାବଳି ଅନୁଯାୟୀ ସେମାନଙ୍କର ଆର୍ଥିକ ବିଷୟଗୁଡ଼ିକର ସମାଧାନ ଏବଂ ମୀମାଂସା କରିବେ।

32. ଏହିଭଳି ଫର୍ମାଟରେ କାର୍ଯ୍ୟକାରୀ ହେଉଥିବା ଟ୍ରେଡ୍ ପାଇଁ ଷ୍ଟକ୍ ବ୍ରୋକର ତାଙ୍କର ସଂସ୍ଥାପକ ପାଇଁ ଏକ ଚୁକ୍ତି ନୋଟ୍ ଜାରି କରିବେ, ଯାହା ହୁଏତ ଏକ୍ସଚେଞ୍ଜ ଦ୍ୱାରା ସମୟାନୁଯାୟୀ ନିର୍ଦ୍ଧାରିତ ହୋଇଥାଏ, ଯାହା ସମସ୍ତ କାରବାର ଯଥା ଅର୍ଡର ନମ୍ବର, ଟ୍ରେଡ୍ ନମ୍ବର, ଟ୍ରେଡ୍ ସମୟ, ଟ୍ରେଡ୍ ମୂଲ୍ୟ, ଟ୍ରେଡ୍ ପରିମାଣ, ଉତ୍ପନ୍ନ ଚୁକ୍ତି, ଗ୍ରାହକ କୋଡ, ବ୍ରୋକରେଜ୍, ଲାଗୁ ହୋଇଥିବା ସମସ୍ତ ଦେୟ ସମ୍ବନ୍ଧରେ ସବିଶେଷ ତଥ୍ୟର ରେକର୍ଡ ଧାରଣ କରିଥାଏ ଏବଂ ସେଥିରେ ପୂରଣ କରାଯିବା ପାଇଁ ଆବଶ୍ୟକ ହେଉଥିବା ଅନ୍ୟ ସମସ୍ତ ପ୍ରାସଙ୍ଗିକ ସୂଚନା ରହିଥାଏ ଏବଂ ଏକ୍ସଚେଞ୍ଜ ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ ଏବଂ ଏହିଭଳି ଉପାୟରେ ଜାରି ହୋଇଥାଏ। ଷ୍ଟକ୍ ବ୍ରୋକର ପୁଞ୍ଜି ନିବେଶକାରୀଗଣଙ୍କୁ ଚୁକ୍ତି ନୋଟକୁ ହାର୍ଡ କପି ଏବଂ/କିମ୍ବା ଡିଜିଟାଲ୍ ଦସ୍ତଖତ ବ୍ୟବହାର କରି ଇଲେକ୍ଟ୍ରୋନିକ୍ ଫର୍ମ ମାଧ୍ୟମରେ ଟ୍ରେଡ୍ କାର୍ଯ୍ୟକାରୀ ହେବାର ଗୋଟିଏ କାର୍ଯ୍ୟ ଦିବସ ମଧ୍ୟରେ ପଠାଇବେ।

33. ଯଦି ଏପରି ପରିସ୍ଥିତି ଉପୁଜେ ତେବେ ଷ୍ଟକ୍ ବ୍ରୋକର ଯେଉଁଠାରେ ଟ୍ରେଡ୍ କାର୍ଯ୍ୟକାରୀ ହୋଇଥାଏ ସେହି ଏକ୍ସଚେଞ୍ଜଠାରୁ ଦେୟ ପ୍ରାପ୍ତ କରିବାର ଗୋଟିଏ କାର୍ଯ୍ୟ ଦିବସ ମଧ୍ୟରେ ଗ୍ରାହକଙ୍କୁ ପେଆଉଟ୍ ପାଣ୍ଠିର ଦେୟ ପ୍ରଦାନ କିମ୍ବା ସିକ୍ୟୁରିଟି ବିତରଣ କରିବେ, ଅନ୍ୟଥା ଗ୍ରାହକଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇନଥିବା ସ୍ଥଳେ ଏବଂ ସମୟାନୁଯାୟୀ ସମ୍ପୃକ୍ତ ଏକ୍ସଚେଞ୍ଜ, ଯେଉଁଠାରେ ଟ୍ରେଡ୍ କାର୍ଯ୍ୟକାରୀ ହୋଇଥାଏ, ତାହା ଦ୍ୱାରା ନିର୍ଦ୍ଧାରିତ ଏହିଭଳି ଚୁକ୍ତି ଓ ସର୍ତ୍ତାବଳି ଅନୁଯାୟୀ ହୋଇଥାଏ।

34. ସମ୍ପୃକ୍ତ ଏକ୍ସଚେଞ୍ଜ, ଯେଉଁଠାରେ ଟ୍ରେଡ୍ କାର୍ଯ୍ୟକାରୀ ହୋଇଥାଏ, ତାହା ଦ୍ୱାରା ସମୟାନୁଯାୟୀ ନିର୍ଦ୍ଧାରିତ ହୋଇପାରେ, ଯାହା ଏପରି ସମୟ ଅବଧି ଏବଂ ଫର୍ମାଟରେ ଏହାର ପ୍ରତ୍ୟେକ ଗ୍ରାହକଙ୍କ ନିମନ୍ତେ ଷ୍ଟକ୍ ବ୍ରୋକର ଉଭର ପାଣ୍ଠି ଏବଂ ସିକ୍ୟୁରିଟି ପାଇଁ ଏକ ସମ୍ପୂର୍ଣ୍ଣ ଆକାଉଣ୍ଟରର ବିବରଣୀ ପଠାଇବେ। ବିବରଣୀଟି ଏହା ମଧ୍ୟ ପ୍ରକାଶ କରିବ ଯେ ଗ୍ରାହକ ଷ୍ଟକ୍ ବ୍ରୋକରଙ୍କଠାରୁ ଏହି ବିବରଣୀର ରସିଦ ପ୍ରାପ୍ତ କରିବା ପରେ ଏହି ବିବରଣୀରେ ଯଦି କୌଣସି ତ୍ରୁଟି ଥାଏ ତେବେ ତାହା ଜଣାଇବେ, ଗ୍ରାହକ ଏହି ତ୍ରୁଟିର ରିପୋର୍ଟ ସମ୍ପୃକ୍ତ ଏକ୍ସଚେଞ୍ଜ, ଯେଉଁଠାରେ ଟ୍ରେଡ୍ କାର୍ଯ୍ୟକାରୀ ହୋଇଥାଏ, ତାହା ଦ୍ୱାରା ସମୟାନୁଯାୟୀ ନିର୍ଦ୍ଧାରିତ ହୋଇଥିବା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କରିବେ।

35. ଷ୍ଟକ୍ ବ୍ରୋକର ଗ୍ରାହକଙ୍କ ନିକଟକୁ ଦୈନିକ ମାର୍ଜିନ ଷ୍ଟେଟମେଣ୍ଟ ପଠାଇବେ। ଦୈନିକ ମାର୍ଜିନ ଷ୍ଟେଟମେଣ୍ଟରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ସହପାର୍ଶ୍ୱିକ ଜମା, ସହପାର୍ଶ୍ୱିକ ଉପଯୋଗ ଏବଂ ସହପାର୍ଶ୍ୱିକ ସ୍ଥିତି (ଉପଲବ୍ଧ ବଳକା ଅର୍ଥ/ଗ୍ରାହକଙ୍କଠାରୁ ମିଳିବାକୁ ଥିବା ଦେୟ) ସହିତ ନଗଦ ଅର୍ଥ, ସ୍ଥାୟୀ ଜମା ରସିଦ (FDR), ବ୍ୟାଙ୍କ ଗ୍ୟାରେଣ୍ଟି ଏବଂ ସିକ୍ୟୁରିଟିର ଭାଗ ଭାଗ କରିବା ଅର୍ଥାତ୍ ବ୍ରେକ୍ ଅପ୍ ସାମିଲ ରହିବା ଉଚିତ।

36. ଗ୍ରାହକ ସୁନିଶ୍ଚିତ କରିବେ ଯେ ଷ୍ଟକ୍ ବ୍ରୋକରଙ୍କ ସହ ସମ୍ପର୍କରେ ରହିବା ପାଇଁ ତାଙ୍କର ଆବଶ୍ୟକ କ୍ଷମତା ରହିଛି, ଏହା କରିବା ପାଇଁ ସେ କ୍ଷମତାପ୍ରାପ୍ତ ଅଟନ୍ତି ଏବଂ ତାଙ୍କର ନୈତିକ ଦାୟିତ୍ୱ ଓ ନିମ୍ନରେ ଥିବା ଅଙ୍ଗୀକାର ସମ୍ପାଦନ କରିବା ପାଇଁ ସେ ସମର୍ଥ ଅଟନ୍ତି। ସମସ୍ତ କାରବାର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ସମସ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ, ଯେଉଁଥିକୁ ଗ୍ରାହକ ହୁଏତ ପ୍ରବେଶ କରିପାରନ୍ତି ସେହି କାରବାର ପ୍ରବେଶ ହେବା ପୂର୍ବରୁ ତାହା ଗ୍ରାହକଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହେବ।

**ବୈଦ୍ୟୁତିକ ଚୁକ୍ତି ଟିପ୍ପଣୀ ଅର୍ଥାତ୍ ଇଲେକ୍ଟ୍ରୋନିକ୍ କଣ୍ଟ୍ରାକ୍ଟ ନୋଟ୍ (ECN)**

37. ଗ୍ରାହକ ଇଲେକ୍ଟ୍ରୋନିକ୍ ଫର୍ମ ମାଧ୍ୟମରେ ଚୁକ୍ତି ନୋଟ୍ ଗ୍ରହଣ କରିବାକୁ ବାଛିବା କ୍ଷେତ୍ରରେ, ସେ ଏକ ଉପଯୁକ୍ତ ଇମେଲ୍ ଆଇଡି ଷ୍ଟକ୍ ବ୍ରୋକରଙ୍କୁ ପ୍ରଦାନ କରିବେ। ଇମେଲ୍ ଆଇଡିରେ କୌଣସି ପରିବର୍ତ୍ତନ କ୍ଷେତ୍ରରେ ଗ୍ରାହକ ନିଜେ ଏକ ପତ୍ର ଦ୍ୱାରା ଷ୍ଟକ୍ ବ୍ରୋକରଙ୍କୁ ଯୋଗାଯୋଗ କରିବେ। ଯଦି ଗ୍ରାହକ ଜଣକ ଇଣ୍ଟରନେଟ୍ ଟ୍ରେଡିଂ ପାଇଁ ମନୋନୟନ କରନ୍ତି, ଇମେଲ୍ ଆଇଡିର ପରିବର୍ତ୍ତନ ଅନୁରୋଧ ଗ୍ରାହକଙ୍କ ପାଇଁ ଉଦ୍ଦିଷ୍ଟ ୟୁଜର ଆଇଡି ଏବଂ ପାସୱାର୍ଡ ଦ୍ୱାରା ସୁରକ୍ଷିତ ଆକସେସ ମାଧ୍ୟମରେ କରାଯାଇପାରେ।

38. ଷ୍ଟକ୍ ବ୍ରୋକର ସୁନିଶ୍ଚିତ କରିବେ ଯେ ଇମେଲ୍ ମାଧ୍ୟମରେ ପ୍ରେରିତ ହୋଇଥିବା ସମସ୍ତ ECN ଡିଜିଟାଲ୍ ଭାବେ ସ୍ୱାକ୍ଷରିତ, ଏନକ୍ରିପ୍ଟଯୁକ୍ତ, ଅଣ-ହେରଫେର ଯୋଗ୍ୟ ହେବ ଏବଂ IT ଆଇନ, 2000ର ବ୍ୟବସ୍ଥାଗୁଡ଼ିକ ଅନୁପାଳନ କରିବ। ECN ଏକ ସଂଲଗ୍ନ ଅର୍ଥାତ୍ ଆଟାଚମେଣ୍ଟ ଭାବେ ଇମେଲ୍ ମାଧ୍ୟମରେ ପ୍ରେରିତ ହେବା କ୍ଷେତ୍ରରେ, ସଂଲଗ୍ନ ହୋଇଥିବା ଫାଇଲ୍ ଡିଜିଟାଲ୍ ଦସ୍ତଖତ, ଏନକ୍ରିପ୍ଟଯୁକ୍ତ ଏବଂ ଅଣ-ହେରଫେର ଯୋଗ୍ୟ ସହିତ ସୁରକ୍ଷିତ ମଧ୍ୟ ହେବ।

39. ଗ୍ରାହକ ମନେ ରଖିବେ ଯେ ଫେରିଥିବା ମେଲ୍ ବିଜ୍ଞପ୍ତି ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା ପ୍ରାପ୍ତ ନହେବା କ୍ଷେତ୍ରରେ ଗ୍ରାହକଙ୍କ ଇମେଲ୍ ଆଇଡିରେ ଚୁକ୍ତି ନୋଟ୍ ବିତରଣ ଅର୍ଥାତ୍ ଡେଲିଭରି ଭାବରେ ବିଚାରଣୀୟ ହେବ।

40. ଷ୍ଟକ୍ ବ୍ରୋକର ECN ଏବଂ ଇମେଲର ପ୍ରାପ୍ତି ସ୍ୱୀକାର ଏକ ସଫ୍ଟ ଏବଂ ଅଣ-ହେରଫେର ଯୋଗ୍ୟ ରୂପରେ ରଖିବେ ଯାହା IT ଆଇନ, 2000ର ବ୍ୟବସ୍ଥା ଅନୁପାଳନ କରିବା ନିମନ୍ତେ ଏକ୍ସଚେଞ୍ଜ ଦ୍ୱାରା ନିର୍ଦ୍ଧାରିତ ଉପାୟରେ ଏବଂ ସମୟାନୁଯାୟୀ SEBI/ଷ୍ଟକ୍

ଏକ୍ସଚେଞ୍ଜ ଦ୍ୱାରା ଜାରି ହୋଇଥିବା ପ୍ରଚଳିତ ଆଇନ/ନିୟମାବଳି/ପ୍ରଚାର ପତ୍ର/ନିର୍ଦ୍ଦେଶାବଳି ଅନୁଯାୟୀ ହୋଇଥାଏ। ବିତରଣର ପ୍ରମାଣ ଯଥା ଚୁକ୍ତି ଟିପ୍ପଣୀ ପ୍ରେରଣ କରିବା ସମୟରେ କମ୍ପ୍ୟୁଟର ଦ୍ୱାରା ସୃଷ୍ଟି ହୋଇଥିବା ଲଗ୍ ରିପୋର୍ଟ SEBI/ଷ୍ଟକ୍ ଏକ୍ସଚେଞ୍ଜର ପ୍ରଚଳିତ ନିୟମାବଳି ଅଧୀନରେ ନିର୍ଦ୍ଧାରିତ ହୋଇଥିବା ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା ସାଇତି ରଖାଯିବ। ଲଗ୍ ରିପୋର୍ଟ ଚୁକ୍ତି ଟିପ୍ପଣୀର ସବିଶେଷ ସୂଚନା ପ୍ରଦାନ କରିବ ଯାହା ଗ୍ରାହକଙ୍କୁ/ନାକଚ କିମ୍ବା ପୁଣି ଫେରିଥିବା ଇମେଲକୁ ବିତରଣ ଅର୍ଥାତ୍ ଡେଲିଭରି ହୋଇନଥାଏ। ଷ୍ଟକ୍ ବ୍ରୋକର ସର୍ବଦା ତାଙ୍କ ଦ୍ୱାରା ଫେରିଥିବା ମେଲର ବିଜ୍ଞପ୍ତି ପ୍ରାପ୍ତ ସୁନିଶ୍ଚିତ କରିବେ, ତାହା ସେ SEBI/ଷ୍ଟକ୍ ଏକ୍ସଚେଞ୍ଜର ପ୍ରଚଳିତ ନିୟମାବଳି ଅଧୀନରେ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ କରିବେ।

41. ଯେଉଁ ଗ୍ରାହକମାନେ ଚୁକ୍ତି ଟିପ୍ପଣୀ ଅର୍ଥାତ୍ କଣ୍ଟ୍ରାକ୍ଟ ନୋଟକୁ ବୈଦ୍ୟୁତିକ ଆକାରରେ ଗ୍ରହଣ କରିବା ପାଇଁ ଚାହାନ୍ତି ନାହିଁ ସେ କ୍ଷେତ୍ରରେ ଷ୍ଟକ୍ ବ୍ରୋକର ସେହି ଗ୍ରାହକଙ୍କୁ ପ୍ରତ୍ୟକ୍ଷ ପଦ୍ଧତିରେ କଣ୍ଟ୍ରାକ୍ଟ ନୋଟ୍(ଚୁକ୍ତି ଟିପ୍ପଣୀ) ପଠାଇବା ଜାରି ରଖିବେ। ECN ଗ୍ରାହକଙ୍କ ନିକଟରେ ନ ପହଞ୍ଚିବା କିମ୍ବା ଗ୍ରାହକଙ୍କର ଇମେଲ୍ ଆଇଡି ଦ୍ୱାରା ପ୍ରତ୍ୟାଖ୍ୟାନ ହେବା କ୍ଷେତ୍ରରେ, ଷ୍ଟକ୍ ବ୍ରୋକର SEBI/ଷ୍ଟକ୍ ଏକ୍ସଚେଞ୍ଜର ପ୍ରଚଳିତ ନିୟମାବଳି ଅଧୀନରେ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଗ୍ରାହକଙ୍କୁ ପ୍ରତ୍ୟକ୍ଷ ରୂପେ କଣ୍ଟ୍ରାକ୍ଟ ନୋଟ୍ ପଠାଇବେ ଏବଂ ଏହିଭଳି ପ୍ରତ୍ୟକ୍ଷ ଚୁକ୍ତି ଟିପ୍ପଣୀ ଅର୍ଥାତ୍ ଫିଜିକାଲ୍ କଣ୍ଟ୍ରାକ୍ଟ ନୋଟ୍ ବିତରଣ ଅର୍ଥାତ୍ ଡେଲିଭରିର ପ୍ରମାଣ ସାଇତି ରଖିବେ।

42. ଗ୍ରାହକଙ୍କୁ ECNର ଇମେଲ୍ ଯୋଗାଯୋଗ ସହିତ, ଷ୍ଟକ୍ ବ୍ରୋକର ଏକା ସଙ୍ଗରେ ତାଙ୍କର ନାମିତ ୱେବସାଇଟ ଯଦି ରହିଥାଏ ସେଥିରେ ECN ସୁରକ୍ଷିତ ଉପାୟରେ ପ୍ରକାଶନ କରିବେ ଏବଂ ଗ୍ରାହକଙ୍କୁ ସମ୍ପୃକ୍ତ ଆକସେସ୍ ସାମର୍ଥ୍ୟ ପ୍ରଦାନ କରିବେ ଏବଂ ଏଥିପାଇଁ, ଏକ ସ୍ୱତନ୍ତ୍ର ୟୁଜର ନେମ୍ ଏବଂ ପାସୱାର୍ଡ ଗ୍ରାହକଙ୍କୁ ଆବଣ୍ଟିତ କରିବେ, ଯେଉଁଥିରେ ଗ୍ରାହକ ବୈଦ୍ୟୁତିକ ଭାବେ କଣ୍ଟ୍ରାକ୍ଟ ନୋଟ୍ ସେଭ୍ କରିବା ସହିତ ତା'ର ପ୍ରିଣ୍ଟ ବାହାର କରିବା ବିକଳ୍ପ ରହିବ।

**ଆଇନ ଏବଂ ବିଚାର ବ୍ୟବସ୍ଥା**

43. ଏହି ଡକ୍ୟୁମେଣ୍ଟରେ ସ୍ଥିରୀକୃତ ନିର୍ଦ୍ଦିଷ୍ଟ ଅଧିକାର ବ୍ୟତୀତ, ଷ୍ଟକ୍ ବ୍ରୋକର, ଉପବ୍ରୋକର ଏବଂ ଗ୍ରାହକ ଅନ୍ୟ ଯେ କୌଣସି ଅଧିକାର, ଯାହା ଏକ୍ସଚେଞ୍ଜର ଆଇନ, ଉପଆଇନ ଏବଂ ନିୟମାବଳି ଯେଉଁଥିରେ ଗ୍ରାହକ ଟ୍ରେଡ୍ କରିବା ପାଇଁ ଚୟନ କରିଥାନ୍ତି ଏବଂ ଏହା ଅଧୀନରେ ଜାରି ହୋଇଥିବା ପ୍ରଚାର ପତ୍ର/ବିଜ୍ଞପ୍ତି କିମ୍ବା SEBIର ଆଇନ ଓ ନିୟମାବଳି ଅଧୀନରେ ଷ୍ଟକ୍ ବ୍ରୋକର କିମ୍ବା ଗ୍ରାହକଙ୍କର ଅଧିକାର ରହିଥାଇପାରେ, ତାହା ପ୍ରୟୋଗ କରିବା ପାଇଁ ହକ୍‌ଦାର ହେବେ।

44. ଏହି ଡକ୍ୟୁମେଣ୍ଟ ବ୍ୟବସ୍ଥାଗୁଡ଼ିକ ସର୍ବଦା ସରକାରୀ ବିଜ୍ଞପ୍ତି, SEBI ଦ୍ୱାରା ଜାରି ହୋଇଥିବା ଯେକୌଣସି ଆଇନ, ନିୟମାବଳି, ନିର୍ଦ୍ଦେଶାବଳି ଏବଂ ପ୍ରଚାର ପତ୍ର/ବିଜ୍ଞପ୍ତି ଏବଂ ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜ ଯେଉଁଠାରେ ଟ୍ରେଡ୍ କାର୍ଯ୍ୟକାରୀ ହୋଇଥାଏ ତାହାର ଆଇନ, ନିୟମାବଳି ଏବଂ ଉପଆଇନ, ଯାହା ହୁଏତ ସମୟାନୁଯାୟୀ ଲାଗୁ ହୋଇପାରେ, ତାହା ଅନୁଯାୟୀ ହେବ।

45. ଷ୍ଟକ୍ ବ୍ରୋକର ଏବଂ ଗ୍ରାହକ ମଧ୍ୟସ୍ଥିଙ୍କ ଦ୍ୱାରା ମଧ୍ୟସ୍ଥତା ଏବଂ ଆପୋଷସମାଧାନ ଆଇନ, 1996 ଅଧୀନରେ ଦିଆଯାଇଥିବା ଯେ କୌଣସି ରାୟକୁ ମାନିବେ। ଆବଶ୍ୟ ଯଦି ଉଭୟ ପକ୍ଷ ରାୟ ଉପରେ ସନ୍ତୁଷ୍ଟ ନଥାନ୍ତି,, ଷ୍ଟକ୍ ଏକ୍ସଚେଞ୍ଜ ମଧ୍ୟରେ ଆବେଦନ କରିବାର ଏକ ବ୍ୟବସ୍ଥା ମଧ୍ୟ ରହିଛି।

46. ଏହି ଡକ୍ୟୁମେଣ୍ଟରେ ବ୍ୟବହୃତ ହୋଇଥିବା ଶବ୍ଦ ଏବଂ ବକ୍ତବ୍ୟ ଯାହା ଏଠାରେ ବ୍ୟାଖ୍ୟା କରାଯାଇନାହିଁ, ଅନ୍ୟଥା ପ୍ରସଙ୍ଗ ଆବଶ୍ୟକ କରୁନଥିବା ସ୍ଥଳେ, ଏକ୍ସଚେଞ୍ଜ/SEBI ଅଧୀନରେ ଜାରି ହୋଇଥିବା ଆଇନ, ଉପଆଇନ ଏବଂ ନିୟମାବଳି ଓ ପ୍ରଚାର ପତ୍ର/ବିଜ୍ଞପ୍ତି ଅନୁସାରେ ନ୍ୟସ୍ତ ହୋଇଥିବା ସମାନ ଅର୍ଥ ରହିଥାଏ।

47. ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା ଯୋଡା ହୋଇଥିବା ସମସ୍ତ ସ୍ୱେଚ୍ଛାକୃତ ଧାରାଗୁଡ଼ିକ/ଡକ୍ୟୁମେଣ୍ଟ ଏକ୍ସଚେଞ୍ଜ/SEBIର ଆଇନ/ନିୟମାବଳି/ବିଜ୍ଞପ୍ତି/ପ୍ରଚାର ପତ୍ରର ଉଲ୍ଲଂଘନ କରେ ନାହିଁ। ଏହି ସ୍ୱେଚ୍ଛାକୃତ ଧାରାଗୁଡ଼ିକ/ଡକ୍ୟୁମେଣ୍ଟ(ଗୁଡ଼ିକ)ରେ ଯେକୌଣସି ପରିବର୍ତ୍ତନ 15 ଦିନର ଅଗ୍ରୀମ ନୋଟିସ୍ ଦିଆଯାଇ କରାଯାଇଥାଏ। ଅଧିକାର ଏବଂ ନୈତିକ ଦାୟିତ୍ୱ ଯାହାକି ଏକ୍ସଚେଞ୍ଜ/SEBI ଦ୍ୱାରା ଉଲ୍ଲିଖିତ ହୋଇଛି ସେଥିରେ ଯେକୌଣସି ପରିବର୍ତ୍ତନ କ୍ଷେତ୍ରରେ ଗ୍ରାହକଙ୍କ ଦୃଷ୍ଟିଗୋଚର କରାଯିବ।

48. ଯଦି ପକ୍ଷଗୁଡ଼ିକର ଅଧିକାର ଓ ନୈତିକ ଦାୟିତ୍ୱ SEBIର ଆଇନ ଓ ନିୟମାବଳି କିମ୍ବା ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜ ଯେଉଁଠାରେ ଟ୍ରେଡ୍ କାର୍ଯ୍ୟକାରୀ ହୋଇଥାଏ ତାହାର ଉପଆଇନ, ଆଇନ ଏବଂ ନିୟମାବଳିରେ ପରିବର୍ତ୍ତନ ହେବା କାରଣରୁ ବଦଳିଥାଏ, ଏହିଭଳି ପରିବର୍ତ୍ତନଗୁଡ଼ିକ ଏହି ଡକ୍ୟୁମେଣ୍ଟରେ ଉଲ୍ଲେଖ ହୋଇଥିବା ପକ୍ଷଗୁଡ଼ିକର ଅଧିକାର ଓ ନୈତିକ ଦାୟିତ୍ୱରେ ପରିବର୍ତ୍ତନ ସ୍ୱରୂପ ଅନ୍ତର୍ଭୁକ୍ତ ହୋଇଥାଏ।

**ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା ଗ୍ରାହକଙ୍କୁ ପ୍ରଦାନ କରାଯାଇଥିବା ଇଣ୍ଟରନେଟ୍ ଏବଂ ଓୟାରଲେସ୍ ଟେକ୍ନୋଲୋଜି ଆଧାରିତ ଟ୍ରେଡିଂ ସୁବିଧା** ***(ଅଧିକାର ଏବଂ ନୈତିକ ଦାୟିତ୍ୱ ଡକ୍ୟୁମେଣ୍ଟ(ଗୁଡ଼ିକ)ରେ ଉଲ୍ଲିଖିତ ସମସ୍ତ ଧାରାଗୁଡ଼ିକ ପ୍ରଯୁଜ୍ୟ ହେବା ଅତିରିକ୍ତ ଭାବରେ, ଏଠାରେ ଉଲ୍ଲିଖିତ ଧାରାଗୁଡ଼ିକ ମଧ୍ୟ ଲାଗୁ ହେବ।)***

1. ଓୟାରଲେସ୍ ଟେକ୍ନୋଲୋଜି ବ୍ୟବହାର କରି ଇଣ୍ଟରନେଟ୍ ଆଧାରିତ ଟ୍ରେଡିଂ (IBT) ଏବଂ ସିକ୍ୟୁରିଟିଜ୍ ଟ୍ରେଡିଂ ପ୍ରଦାନ କରିବା ପାଇଁ ଷ୍ଟକ୍ ବ୍ରୋକର ଯୋଗ୍ୟ ଅଟନ୍ତି ତାହା ଡିଭାଇସଗୁଡ଼ିକ ଯେପରିକି ମୋବାଇଲ ଫୋନ, ଡାଟା କାର୍ଡ ସହିତ ଲାପଟପ୍, ଇତ୍ୟାଦି ଯାହା ଇଣ୍ଟରନେଟ୍ ପ୍ରୋଟୋକଲ୍ (IP) ବ୍ୟବହାର କରିଥାଏ ତାହାର ବ୍ୟବହାର ଅନ୍ତର୍ଭୁକ୍ତ କରିବ। ଷ୍ଟକ୍ ବ୍ରୋକର ଓୟାରଲେସ୍ ଟେକ୍ନୋଲୋଜି ବ୍ୟବହାର କରି ଇଣ୍ଟରନେଟ୍ ଆଧାରିତ ଟ୍ରେଡିଂ (IBT) ଏବଂ ସିକ୍ୟୁରିଟିଜ୍ ଟ୍ରେଡିଂ ପାଇଁ ପ୍ରଯୁଜ୍ୟ ସମସ୍ତ ଆବଶ୍ୟକତାଗୁଡ଼ିକ ପୂରଣ କରିବେ ଯାହା ହୁଏତ SEBI ଏବଂ ଏକ୍ସଚେଞ୍ଜ ଦ୍ୱାରା ସମୟାନୁଯାୟୀ ନିର୍ଦ୍ଧାରିତ ହୋଇପାରେ।
2. ସିକ୍ୟୁରିଟିରେ ପୁଞ୍ଜିନିବେଶ/ଟ୍ରେଡିଂ କରିବା ପାଇଁ ଗ୍ରାହକ ଇଚ୍ଛୁକ ଅଛନ୍ତି ଏବଂ ଏଥିପାଇଁ, ଗ୍ରାହକ ହୁଏତ ଇଣ୍ଟରନେଟ୍ ଆଧାରିତ ଟ୍ରେଡିଂ ସୁବିଧା କିମ୍ବା ଓୟାରଲେସ୍ ଟେକ୍ନୋଲୋଜିର ବ୍ୟବହାର ମାଧ୍ୟମରେ ସିକ୍ୟୁରିଟିଜ୍ ଟ୍ରେଡିଂ ପାଇଁ ଇଚ୍ଛୁକ ଅଛନ୍ତି। ଷ୍ଟକ୍ ବ୍ରୋକର ଗ୍ରାହକଙ୍କୁ ଷ୍ଟକ୍ ବ୍ରୋକରଙ୍କ IBT ସେବା ପ୍ରଦାନ କରିବେ ଏବଂ ଗ୍ରାହକ ଷ୍ଟକ୍ ବ୍ରୋକରଙ୍କ IBT ସେବାର ସୁବିଧା ହାସଲ କରିବେ, ତାହା SEBI/ଏକ୍ସଚେଞ୍ଜର ବ୍ୟବସ୍ଥାଗୁଡ଼ିକ ଏବଂ ପ୍ରଦତ୍ତ ଷ୍ଟକ୍ ବ୍ରୋକରଙ୍କ IBT ସେବାରେ ନିର୍ଦ୍ଧାରିତ ଚୁକ୍ତି ଏବଂ ସର୍ତ୍ତାବଳି ଆଧାରରେ ଏବଂ ଅନୁସାରେ ହୋଇଥାଏ, ସେଗୁଡ଼ିକ ଏକ୍ସଚେଞ୍ଜ/SEBI ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତଗୁଡ଼ିକ ଆଧାରରେ ହୋଇଥାଏ।
3. ଷ୍ଟକ୍ ବ୍ରୋକର ସିକ୍ୟୁରିଟିଜ୍ ଟ୍ରେଡିଂ ସହିତ ସମ୍ମିଳିତ ବୈଶିଷ୍ଟ୍ୟ, ବିପଦ ଆଶଙ୍କା, ଦାୟିତ୍ୱବୋଧତା, ନୈତିକ ଦାୟିତ୍ୱ ଏବଂ ଉତ୍ତରଦାୟିତ୍ୱ ଓୟାରଲେସ୍ ଟେକ୍ନୋଲୋଜି/ଇଣ୍ଟରନେଟ୍/ସ୍ମାର୍ଟ ଅର୍ଡର ରାଉଟିଂ କିମ୍ବା ଅନ୍ୟ କୌଣସି ଟେକ୍ନୋଲୋଜି ମାଧ୍ୟମରେ ଗ୍ରାହକଙ୍କର ଦୃଷ୍ଟିଗୋଚର କରିବେ।
4. ଷ୍ଟକ୍ ବ୍ରୋକରଙ୍କ IBT ସିଷ୍ଟମ ମନକୁ ମନ ପ୍ରାଥମିକ ପାସୱାର୍ଡ ପଲିସି ଯାହା ଏକ୍ସଚେଞ୍ଜ/SEBI ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତାବଳି ଆଧାରରେ ନିର୍ଦ୍ଦିଷ୍ଟ ହୋଇଥାଏ ତାହା ସମ୍ବନ୍ଧରେ ଷ୍ଟକ୍ ବ୍ରୋକର ଗ୍ରାହକଙ୍କୁ ଅବଗତ କରାଇବେ।
5. ୟୁଜରନେମ୍ ଓ ପାସୱାର୍ଡକୁ ଗୋପନୀୟ ଓ ସୁରକ୍ଷିତ ରଖିବା ପାଇଁ ଗ୍ରାହକ ଦାୟୀ ରହିବେ ଏବଂ ସେ ଏଣ୍ଟର୍ ହୋଇଥିବା ବା ପ୍ରବେଶ କରାଯାଇଥିବା ସମସ୍ତ ଅର୍ଡର ଏବଂ ଗ୍ରାହକଙ୍କ ୟୁଜରନେମ୍ ଏବଂ/କିମ୍ବା ପାସୱାର୍ଡ ବ୍ୟବହାର ଷ୍ଟକ୍ ବ୍ରୋକରଙ୍କ IBT ସିଷ୍ଟମ ମାଧ୍ୟମରେ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା କାରବାର ପାଇଁ ଏକାନ୍ତ ଭାବରେ ଦାୟୀ ରହିବେ, ସେହି ବ୍ୟକ୍ତି ତାହା କରିବା ପାଇଁ କ୍ଷମତାପ୍ରାପ୍ତ ହୋଇଥାନ୍ତୁ ଅବା ନହୋଇଥାନ୍ତୁ ତାହା ଯାହା ହେଉନା କାହିଁକି। ଆହୁରି ମଧ୍ୟ ଗ୍ରାହକ ଅବଗତ ଅଛନ୍ତି ଯେ ଅର୍ଡର ରାଉଟେଡ୍ ସିଷ୍ଟମ ଦ୍ୱାରା ଓୟାରଲେସ୍ ଟେକ୍ନୋଲୋଜି ମାଧ୍ୟମରେ ଇଣ୍ଟରନେଟ୍ ଟ୍ରେଡିଂ/ସିକ୍ୟୁରିଟିଜ୍ ଟ୍ରେଡିଂ ପାଇଁ ପ୍ରମାଣୀକରଣ ଟେକ୍ନୋଲୋଜି ଏବଂ କଡ଼ା ନିରାପତ୍ତା ଉପାୟ ଆବଶ୍ୟକ ହୋଇଥାଏ ଏବଂ ଗ୍ରାହକ ତାଙ୍କର ପାସୱାର୍ଡ ଏବଂ/କିମ୍ବା ତାଙ୍କର ପ୍ରାଧିକୃତ ପ୍ରତିନିଧିଙ୍କ ବିଷୟରେ କୌଣସି ତୃତୀୟ ପକ୍ଷ ଯଥା ଷ୍ଟକ୍ ବ୍ରୋକର କର୍ମଚାରୀ ଏବଂ ଡିଲରଙ୍କୁ ପ୍ରକାଶ ନକରିବା ସୁନିଶ୍ଚିତ କରିବା ପାଇଁ ଅଙ୍ଗୀକାର କରିଛନ୍ତି।
6. ଗ୍ରାହକ ଯଦି ତାଙ୍କର ପାସୱାର୍ଡ ଭୁଲି ଯାଇଛନ୍ତି, ଷ୍ଟକ୍ ବ୍ରୋକରଙ୍କ IBT ସିଷ୍ଟମରେ ନିରାପତ୍ତା ଦୋଷ ତ୍ରୁଟି ଆବିଷ୍କାର କରିଛନ୍ତି, ତାଙ୍କର ୟୁଜରନେମ୍/ପାସୱାର୍ଡ/ଆକାଉଣ୍ଟ ମାଧ୍ୟମରେ ଅସାମଞ୍ଜସ୍ୟ/ଅନଧିକୃତ ଆକସେସ୍ ଆବିଷ୍କାର/ସନ୍ଦେହ କରନ୍ତି ତେବେ ଗ୍ରାହକ ଏହିଭଳି ଅଣପ୍ରାଧିକୃତ ବ୍ୟବହାରର ସବିଶେଷ ସୂଚନା, ତାରିଖ, ଉପାୟ ଏବଂ ଏପରି ଅନଧିକୃତ ବ୍ୟବହାର ଇତ୍ୟାଦି ଯୋଗୁଁ ପ୍ରଭାବିତ ହୋଇଥିବା କାରବାରଗୁଡ଼ିକ ବିଷୟରେ ଲିଖିତ ଭାବରେ ସଙ୍ଗେ ସଙ୍ଗେ ଷ୍ଟକ୍ ବ୍ରୋକରଙ୍କୁ ସୂଚିତ କରିବେ।
7. ଓୟାରଲେସ୍ ଟେକ୍ନୋଲୋଜି ମାଧ୍ୟମରେ ଇଣ୍ଟରନେଟ୍/ସିକ୍ୟୁରିଟିଜରେ ରୁଟିଂ ଅର୍ଡର ପାଇଁ ଏକ ସେବା ହାସଲ କରିବା ସହିତ ଜଡ଼ିତ ବିପଦଗୁଡ଼ିକ ବିଷୟରେ ପୂର୍ଣ୍ଣ ଅବଗତ ଅଛନ୍ତି ଏବଂ ବିପଦଗୁଡ଼ିକ ବୁଝିଛନ୍ତି ଏବଂ ଯେଉଁ ଉପାୟରେ ହେଉନା କାହିଁକି ଗ୍ରାହକ ୟୁଜରନେମ୍/ପାସୱାର୍ଡରେ କରାଯାଇଥିବା ଯେକୌଣସି ଏବଂ ସମସ୍ତ କାର୍ଯ୍ୟ ପାଇଁ ଗ୍ରାହକ ସମ୍ପୂର୍ଣ୍ଣ ରୂପେ ଉତ୍ତରଦାୟୀ ଏବଂ ଦାୟୀ ରହିବେ।
8. ଷ୍ଟକ୍ ବ୍ରୋକର ଗ୍ରାହକଙ୍କ ଅନୁରୋଧରେ ଇମେଲ୍ ମାଧ୍ୟମରେ ଅର୍ଡର/ଟ୍ରେଡ୍ ସୁନିଶ୍ଚିତତା ସୂଚନା ପ୍ରେରଣ କରିବେ। ଗ୍ରାହକ ଅବଗତ ଅଛନ୍ତି ଯେ ଅର୍ଡର/ଟ୍ରେଡ୍ ସୁନିଶ୍ଚିତତା ସୂଚନା ମଧ୍ୟ ୱେବ୍ ପୋର୍ଟାଲରେ ପ୍ରଦାନ କରାଯାଇଥାଏ। ଗ୍ରାହକ ଓୟାରଲେସ୍ ଟେକ୍ନୋଲୋଜି ବ୍ୟବହାର କରି ଟ୍ରେଡ୍ କରୁଥିବା କ୍ଷେତ୍ରରେ, ଷ୍ଟକ୍ ବ୍ରୋକର ଗ୍ରାହକଙ୍କ ଡିଭାଇସରେ ଅର୍ଡର/ଟ୍ରେଡ ସୁନିଶ୍ଚିତତା ସୂଚନା ପ୍ରେରଣା କରିବେ।
9. ଗ୍ରାହକ ଅବଗତ ଅଛନ୍ତି ଯେ ଇଣ୍ଟରନେଟ୍ ମାଧ୍ୟମରେ ଟ୍ରେଡିଂ ଅନେକ ଅନିର୍ଦ୍ଦିଷ୍ଟ ବିଷୟ ଜଡ଼ିତ କରିଥାଏ ଏବଂ ଜଟିଳ ହାର୍ଡୱୟାର, ସଫ୍ଟୱୟାର, ସିଷ୍ଟମ, ଯୋଗାଯୋଗ ଲାଇନ, ପେରିଫେରାଲ, ଇତ୍ୟାଦି ବାଧା ଉପୁଜିବା ଏବଂ ବିଚ୍ଛିନ୍ନ ହେବା ପ୍ରତି ସମ୍ବେଦନଶୀଳ ଅଟେ। ଷ୍ଟକ୍ ବ୍ରୋକର ଏବଂ ଏକ୍ସଚେଞ୍ଜ କୌଣସି ପ୍ରତିନିଧିତ୍ୱ କରିନଥାନ୍ତି କିମ୍ବା ପ୍ରତିଶ୍ରୁତି ଦେଇନଥାନ୍ତି ଯେ ବିନା ବାଧାରେ ସବୁ ସମୟରେ ଷ୍ଟକ୍ ବ୍ରୋକରଙ୍କ IBT ସେବା ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ।
10. ଷ୍ଟକ୍ ବ୍ରୋକରଙ୍କ IBT ସିଷ୍ଟମ କିମ୍ବା ସେବା କିମ୍ବା ଏକ୍ସଚେଞ୍ଜର ସେବା କିମ୍ବା ସିଷ୍ଟମର ଯେକୌଣସି ରଦ୍ଦ, ଅନ୍ତରାୟ, ଅଣ-ଉପଲବ୍ଧତା କିମ୍ବା ଖରାପ ହେବା ଘଟଣାରେ କିମ୍ବା ଷ୍ଟକ୍ ବ୍ରୋକର/ଏକ୍ସଚେଞ୍ଜ ନିୟନ୍ତ୍ରଣ ବାହାରେ କୌଣସି କାରଣ ପାଇଁ ଗ୍ରାହକ/ଷ୍ଟକ୍ ବ୍ରୋକର/ଏକ୍ସଚେଞ୍ଜ କ୍ଷେତ୍ରରେ ଯେକୌଣସି ଲିଙ୍କ୍/ସିଷ୍ଟମ ସଫଳତା ପାଇଁ ଅଣ-କାର୍ଯ୍ୟକାରିତା ନିମନ୍ତେ ଏକ୍ସଚେଞ୍ଜ କିମ୍ବା ଷ୍ଟକ୍ ବ୍ରୋକରଙ୍କ ବିପକ୍ଷରେ ଗ୍ରାହକଙ୍କର କୌଣସି ଦାବି ରହିବ ନାହିଁ।

# ପରିଶିଷ୍ଟ 5

## ପୁଞ୍ଜି ବଜାର ଏବଂ ବ୍ୟୁତ୍ପନ୍ନ ପ୍ରକାର ଅର୍ଥାତ୍ ଡେରିଭେଟିଭ୍ ବର୍ଗ ନିମନ୍ତେ ବିପଦ ଆଶଙ୍କା ପ୍ରକାଶିତ ଦସ୍ତାବିଜ୍ (ଡକ୍ୟୁମେଣ୍ଟ)

ଏହି ଡକ୍ୟୁମେଣ୍ଟ ଷ୍ଟକ୍ ଏକ୍ସଚେଞ୍ଜର ଇକ୍ୟୁଟି/ଡେରିଭେଟିଭ୍ ବର୍ଗର ଟ୍ରେଡିଂ ବା କାରବାର ଉପରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଧାରଣ କରିଥାଏ। ସମସ୍ତ ଭାବୀ ଗଠନକାରୀ ଷ୍ଟକ୍ ଏକ୍ସଚେଞ୍ଜର ଇକ୍ୟୁଟିଜ୍/ଡେରିଭେଟିଭ୍ ବର୍ଗରେ ଟ୍ରେଡିଂ ବା କାରବାର କରିବା ପୂର୍ବରୁ ଏହି ଡକ୍ୟୁମେଣ୍ଟ ପଢ଼ିବା ଉଚିତ।

ଷ୍ଟକ୍ ଏକ୍ସଚେଞ୍ଜ/SEBI ହୁଏତ ଏକକ କିମ୍ବା ଯୁଗ୍ମ ଭାବରେ ଏବଂ ସ୍ୱତନ୍ତ୍ର ଭାବରେ କିମ୍ବା ମୌଖିକ ଭାବରେ ଗ୍ୟାରେଣ୍ଟି କିମ୍ବା ଏହି ପ୍ରକାଶିତ ଡକ୍ୟୁମେଣ୍ଟର ସମ୍ପୂର୍ଣ୍ଣତା, ପର୍ଯ୍ୟାପ୍ତତା କିମ୍ବା ସଠିକତା ସମ୍ପର୍କିତ କୌଣସି ପ୍ରତିନିଧିତ୍ୱ କରିନଥାଏ କିମ୍ବା ଟ୍ରେଡିଂ ବା କାରବାର ବର୍ଗରେ ଅଂଶଗ୍ରହଣ କରିବାର ଯେକୌଣସି ଗୁଣ ଷ୍ଟକ୍ ଏକ୍ସଚେଞ୍ଜ/SEBI ଦ୍ୱାରା ସମର୍ଥିତ କିମ୍ବା ଅନୁମୋଦିତ ହୋଇନଥାଏ। ଏହି ସଂକ୍ଷିପ୍ତ ବିବରଣୀ ଟ୍ରେଡିଂ ବା କାରବାରର ସମସ୍ତ ବିପଦ ଆଶଙ୍କା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକ ବିଷୟରେ ପ୍ରକାଶ କରିନଥାଏ।

ବିପଦ ଆଶଙ୍କା ଜଡିତ ଥିବା ଦୃଷ୍ଟିରୁ, କେବଳ ଯଦି ଆପଣ ସ୍ଥାପନ କରୁଥିବା ସମ୍ପର୍କର ପ୍ରକୃତି ଏବଂ ବିପଦ ଆଶଙ୍କା ପ୍ରତି ଆପଣଙ୍କର ଉଦଭାସନର ପରିସର ବୁଝିଛନ୍ତି, ତେବେ ସେହି କ୍ଷେତ୍ରରେ ଆପଣ କେବଳ କାରବାର ଅଙ୍ଗୀକାର କରିବା ଉଚିତ।

ଆପଣ ଜାଣିବା ଏବଂ ମୂଲ୍ୟ ନିରୂପଣ କରିବା ଉଚିତ ଯେ ଷ୍ଟକ୍ ଏକ୍ସଚେଞ୍ଜରେ ଟ୍ରେଡ୍ କରାଯାଉଥିବା ଇକ୍ୟୁଟି ଅଂଶଧନ, ବ୍ୟୁତ୍ପନ୍ନ ଚୁକ୍ତି କିମ୍ବା ଅନ୍ୟାନ୍ୟ ସାଧନଗୁଡିକରେ ଟ୍ରେଡିଂ ବା କାରବାର, ଯାହାର କି ପରିବର୍ତ୍ତିତ ବିପଦ ଆଶଙ୍କା ଅବସ୍ଥା ରହିଛି, ସୀମିତ ସମ୍ବଳ/ସୀମିତ ପୁଞ୍ଜିନିବେଶ ଏବଂ/କିମ୍ବା ଟ୍ରେଡିଂ ବା କାରବାର ଅଭିଜ୍ଞତା ଏବଂ ନିମ୍ନ ବିପଦ ଆଶଙ୍କା ସହନଶୀଳତା ରହିଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା ସାଧାରଣତଃ ଏକ ଉପଯୁକ୍ତ ମାର୍ଗ ନୁହେଁ। ତେଣୁ ଆପଣଙ୍କର ଆର୍ଥିକ ସ୍ଥିତି ଦୃଷ୍ଟିରୁ ଏହିଭଳି ଟ୍ରେଡିଂ ବା କାରବାର ଆପଣଙ୍କ ପାଇଁ ଉପଯୁକ୍ତ କି ନୁହେଁ ତାହା ଆପଣ ଧ୍ୟାନ ସହକାରେ ବିଚାର କରିବା ଉଚିତ। ଯଦି ଆପଣ ଷ୍ଟକ୍ ଏକ୍ସଚେଞ୍ଜରେ ଟ୍ରେଡ୍ କରନ୍ତି ଏବଂ ପ୍ରତିକୂଳ ପରିସ୍ଥିତି କିମ୍ବା କ୍ଷତିର ସମ୍ମୁଖୀନ ହୁଅନ୍ତି, ତେବେ ଏଥିପାଇଁ ଆପଣ ହିଁ କେବଳ ଦାୟୀ ରହିବେ ଏବଂ ଷ୍ଟକ୍ ଏକ୍ସଚେଞ୍ଜ/ଏହାର କ୍ଲିଅରିଂ କର୍ପୋରେସନ (ନିକାଶୀ ନିଗମ) ଏବଂ/କିମ୍ବା SEBI ଦାୟୀ ରହିବେ ନାହିଁ, କାରଣ ଯାହା ହେଉଥାଉ ନା କାହିଁକି, ଏଥିପାଇଁ ଉପରୋକ୍ତ ସଂସ୍ଥାଗୁଡିକ ଦାୟୀ ରହିବେ ନାହିଁ ଏବଂ ତାହା ଆପଣ କୌଣସି ଆବେଦନ କରିବା ପାଇଁ ଉନ୍ମୁକ୍ତ ରହିବ ନାହିଁ ଯାହା ଆପଣଙ୍କ ସହ ସମ୍ପୃକ୍ତ ବିପଦ ଆଶଙ୍କାଗୁଡିକ ସମ୍ବନ୍ଧରେ ପର୍ଯ୍ୟାପ୍ତ ପରିପ୍ରକାଶ କରିନଥାଏ କିମ୍ବା ସମ୍ପୃକ୍ତ ଷ୍ଟକ୍ ବ୍ରୋକରଙ୍କ ଆପଣଙ୍କୁ ସମ୍ପୃକ୍ତ ପୂର୍ଣ୍ଣ ବିପଦ ଆଶଙ୍କା ସମ୍ବନ୍ଧରେ ବ୍ୟାଖ୍ୟା କରିବେ ନାହିଁ। ସଂଘଟକ ଜଣକ ପରିଣତି ପାଇଁ ଏକାକୀ ଦାୟୀ ରହିବେ ଏବଂ ସେହି ଏକାଉଣ୍ଟରେ କୌଣସି ଚୁକ୍ତି ନାକଚ ହୋଇପାରିବ ନାହିଁ। ଆପଣ ସ୍ୱୀକାର ଏବଂ ଗ୍ରହଣ କରିବା ଉଚିତ ଯେ ଲାଭ ପାଇବା ପାଇଁ କୌଣସି ଗ୍ୟାରେଣ୍ଟି ନାହିଁ କିମ୍ବା କ୍ରୟ ପାଇଁ ଏବଂ/କିମ୍ବା ଷ୍ଟକ୍ ଏକ୍ସଚେଞ୍ଜରେ ଟ୍ରଡ୍ ହେଉଥିବା ଏକ ବ୍ୟୁତ୍ପନ୍ନ ଚୁକ୍ତିର ବିକ୍ରୟ ପାଇଁ ଅର୍ଡର କାର୍ଯ୍ୟକାରୀ କରିବା ସମୟରେ ଘଟୁଥିବା କ୍ଷତିର ମୁକୁଳିବା ପାଇଁ କୌଣସି ପନ୍ଥା ନାହିଁ।

ଆପଣ ଏହା ସ୍ପଷ୍ଟ ଭାବରେ ବୁଝିବା ଉଚିତ ଯେ ଜଣେ ଷ୍ଟକ୍ ବ୍ରୋକରଙ୍କ ମାଧ୍ୟମରେ ଷ୍ଟକ୍ ଏକ୍ସଚେଞ୍ଜରେ ଆପଣଙ୍କର କାରବାର ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା ନିର୍ଦ୍ଧାରିତ ନିର୍ଦ୍ଦିଷ୍ଟ ଔପଚାରିକତା ପୂରଣ କରିବା ଦ୍ୱାରା ସମ୍ଭବ ହେବ, ଯାହା ଅନ୍ୟାନ୍ୟ ବିଷୟ ମଧ୍ୟରେ ହୁଏତ ଆପଣଙ୍କର କ୍ଲାଏଣ୍ଟଙ୍କୁ ଜାଣନ୍ତୁ ଫର୍ମ ଯାହା ଆପଣଙ୍କ ଦ୍ୱାରା ପୂରଣ ହୋଇଥାଏ, ଅଧିକାର ଓ ନୈତିକ ଦାୟିତ୍ୱ, କରିବେ ଓ କରିବେ ନାହିଁ ପଢିବା, ଇତ୍ୟାଦି ଅନ୍ତର୍ଭୁକ୍ତ ହୋଇଥାଏ। ଏହିସବୁ ବିଷୟ ଷ୍ଟକ୍ ଏକ୍ସଚେଞ୍ଜ, ଏହାର କ୍ଲିଅରିଂ କର୍ପୋରେସନ ଆଇନ, ଉପଆଇନ ଓ ନିୟମାବଳି, SEBI ଦ୍ୱାରା ନିର୍ଦ୍ଧାରିତ ଏବଂ ସମୟାନୁଯାୟୀ ଲାଗୁ ହେଉଥିବା ନିର୍ଦ୍ଦେଶାବଳି ଏବଂ ଷ୍ଟକ୍ ଏକ୍ସଚେଞ୍ଜ କିମ୍ବା କ୍ଲିଅରିଂ ଏକ୍ସଚେଞ୍ଜ ଦ୍ୱାରା ଜାରି ହେଉଥିବା ଏବଂ ସମୟାନୁଯାୟୀ ଲାଗୁ ହେଉଥିବା ପ୍ରଚାର ପତ୍ର ଅନୁଯାୟୀ ହୋଇଥାଏ।

ଷ୍ଟକ୍ ଏକ୍ସଚେଞ୍ଜ କୌଣସି ପରାମର୍ଶ ଦେଇନଥାଏ କିମ୍ବା କୌଣସି ପରାମର୍ଶ ଦେବା ପାଇଁ ପ୍ରକାଶ କରିନଥାଏ ଏବଂ ଯେଉଁ ବ୍ୟକ୍ତି ଏହି ଡକ୍ୟୁମେଣ୍ଟରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ସୂଚନା ଆଧାରରେ ଷ୍ଟକ୍ ଏକ୍ସଚେଞ୍ଜର କେହିଜଣେ ଷ୍ଟକ୍ ବ୍ରୋକର୍ ଏବଂ/କିମ୍ବା ଯେକୌଣସି ତୃତୀୟ ପକ୍ଷଙ୍କ ସହ କୌଣସି ବ୍ୟବସାୟିକ ସମ୍ପର୍କ ସ୍ଥାପନ କରିଥାନ୍ତି ତାଙ୍କ ପ୍ରତି ଷ୍ଟକ୍ ଏକ୍ସଚେଞ୍ଜ ଉତ୍ତରଦାୟୀ ରହିବ ନାହିଁ। ଡକ୍ୟୁମେଣ୍ଟରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ସୂଚନା ବ୍ୟବସାୟିକ ପରାମର୍ଶ ଭାବେ ଅର୍ଥ କରାଯିବ ନାହିଁ। ଏହିଭଳି ଟ୍ରେଡିଂ ବା କାରବାର ସହିତ ଜଡିତ ବିପଦ ଆଶଙ୍କଗୁଡିକ ତନ୍ନତନ୍ନ କରି ନବୁଝି ଏବଂ ସମୀକ୍ଷା ନକରି ଟ୍ରେଡ୍ କରିବା ପାଇଁ ବିଚାର କରାଯିବ ନାହିଁ। ଯଦି ଆପଣ ଅନିଶ୍ଚିତ ଅଛନ୍ତି, ସମ୍ପୃକ୍ତ ବିଷୟରେ ଆପଣ ପେସାଦାର ପରାମର୍ଶ ନେବା ଉଚିତ।

ଆପଣ ଟ୍ରେଡ କରିବେ କିମ୍ବା ଆପଣଙ୍କ ପାଇଁ ଟ୍ରେଡ୍ କରିବାକୁ ଅନ୍ୟ ଜଣକୁ କ୍ଷମତା ପ୍ରଦାନ କରିବା ସେ କ୍ଷେତ୍ରରେ ବିଚାର କରିବା ବେଳେ, ଆପଣ ନିମ୍ନୋକ୍ତ ବିଷୟ ସମ୍ବନ୍ଧରେ ଅବଗତ କିମ୍ବା ପରିଚିତ ହେବା ଉଚିତ:-

### 1. ମୌଳିକ ବିପଦ ଆଶଙ୍କା:

### 1.1 ଉଚ୍ଚତର ପରିବର୍ତ୍ତନଶୀଳତା ଅର୍ଥାତ୍ ଭୋଲାଟିଲିଟି ବିପଦ:

ଭୋଲାଟିଲିଟି ଷ୍ଟକ୍ ଏକ୍ସଚେଞ୍ଜରେ ଟ୍ରେଡିଂ ବା କାରବାର କାର୍ଯ୍ୟକଳାପ ଚାଲିଥିବା ସମୟରେ ଏକ ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି ଅର୍ଥାତ୍ ଡେରିଭେଟିଭ୍ କଣ୍ଟ୍ରାକ୍ଟର ମୂଲ୍ୟରେ ସକ୍ରିୟ ପରିବର୍ତ୍ତନକୁ ସୂଚିତ କରିଥାଏ। ସାଧାରଣତଃ, ଏକ ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତିର ଭୋଲାଟିଲିଟି ଯେତେ ଅଧିକ ହୋଇଥାଏ, ଏହାର ମୂଲ୍ୟ ସେତେ ଅଧିକ ପରିମାଣରେ ବଦଳିଥାଏ। ସକ୍ରିୟ ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି ଅପେକ୍ଷା ସ୍ୱଳ୍ପ ମାତ୍ରାରେ ଟ୍ରେଡ୍ ହେଉଥିବା ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତିରେ ଭୋଲାଟିଲିଟି ସାଧାରଣତଃ ଅଧିକ ରହିପାରେ। ଭୋଲାଟିଲିଟିର ଫଳାଫଳ ସ୍ୱରୂପ, ଆପଣଙ୍କର ଅର୍ଡର ହୁଏତ କେବଳ ଆଂଶିକ ଭାବରେ କାର୍ଯ୍ୟକାରୀ ହୋଇପାରେ ନାହିଁ, କିମ୍ବା ଯେଉଁ ମୂଲ୍ୟରେ ଆପଣଙ୍କର ଅର୍ଡର ହୁଏତ କେବଳ ଆଂଶିକ ଭାବରେ କାର୍ଯ୍ୟକାରୀ ହୋଇପାରେ କିମ୍ବା କଦାପି କାର୍ଯ୍ୟକାରୀ ହୋଇପାରେ ନାହିଁ, କିମ୍ବା ଯେଉଁ ମୂଲ୍ୟରେ ଆପଣଙ୍କର ଅର୍ଡର କାର୍ଯ୍ୟକାରୀ ହୋଇଥାଏ ତାହା ପ୍ରାୟତଃ ଶେଷ ଥର ଟ୍ରେଡ୍ ହୋଇଥିବା ମୂଲ୍ୟଠାରୁ ଭିନ୍ନ ହୋଇଥାଏ କିମ୍ବା ସେହି ଅନୁସାରେ ପରିବର୍ତ୍ତନ ହୋଇଥାଏ, ଯାହାକି ଅବାସ୍ତବ କିମ୍ବା ବାସ୍ତବ କ୍ଷତିର କାରଣ ହୋଇଥାଏ।

### 1.2. ନିମ୍ନତର ଲିକ୍ୟୁଡିଟି ବିପଦ:

ଲିକ୍ୟୁଡିଟି ଏକ ପ୍ରତିଦ୍ୱନ୍ଦିତାମୂଳକ ମୂଲ୍ୟରେ ଏବଂ ନ୍ୟୁନତମ ମୂଲ୍ୟ ପାର୍ଥକ୍ୟତାରେ ସିକ୍ୟୁରିଟି/ଡେରିଭିଟିଭ୍ କଣ୍ଟ୍ରାକ୍ଟ ତ୍ୱରିତ ଭାବେ କିଣିବା ଏବଂ/କିମ୍ବା ବିକିବା ପାଇଁ ବଜାରରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିଙ୍କର ସାମର୍ଥ୍ୟକୁ ସୂଚିତ କରିଥାଏ। ସାଧାରଣତଃ, ଏହା ବିଶ୍ୱାସ କରାଯାଏ ଯେ ବଜାରରେ ଯେତେ ଅଧିକ ଅର୍ଡର ଉପଲବ୍ଧ ରହିବ, ଲିକ୍ୟୁଡିଟି ସେତେ ଅଧିକ ହୋଇଥାଏ। ଲିକ୍ୟୁଡିଟି ଗୁରୁତ୍ୱପୂର୍ଣ୍ଣ ଅଟେ କାରଣ ଅଧିକ ଲିକ୍ୟୁଡିଟି ସହିତ, ପୁଞ୍ଜି ନିବେଶକାରୀଙ୍କ ପାଇଁ ଶୀଘ୍ର ଏବଂ ନ୍ୟୂନତମ ମୂଲ୍ୟ ପାର୍ଥକ୍ୟତାରେ ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି କିଣିବା ଏବଂ/କିମ୍ବା ବିକିବା ଅଧିକ ସହଜ ହୋଇଥାଏ, ଏବଂ ଏହାର ଫଳ ସ୍ୱରୂପ ପୁଞ୍ଜି ନିବେଶକାରୀମାନେ କ୍ରୟ କିମ୍ବା ବିକ୍ରୟ ହେଉଥିବା ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି ପାଇଁ ଏକ ପ୍ରତିଯୋଗିତାମୂଳକ ମୂଲ୍ୟ ପ୍ରଦାନ କିମ୍ବା ପ୍ରାପ୍ତ କରିବାର ଅଧିକ ସମ୍ଭାବନା ରହିଛି। ସକ୍ରିୟ ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି ଅପେକ୍ଷା କିଛି ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି କ୍ଷେତ୍ରରେ ନିମ୍ନତର ଲିକ୍ୟୁଡିଟି ବିପଦ ଆଶଙ୍କା ରହିପାରେ। ଫଳାଫଳ ସ୍ୱରୂପ, ଆପଣଙ୍କର ଅର୍ଡର ହୁଏତ କେବଳ ଆଂଶିକ ଭାବରେ କାର୍ଯ୍ୟକାରୀ ହୋଇପାରେ କିମ୍ବା ଆପେକ୍ଷିକ ଭାବରେ ବହୁତ ଅଧିକ ମୂଲ୍ୟ ପାର୍ଥକ୍ୟତା ସହିତ କାର୍ଯ୍ୟକାରୀ ହୋଇପାରେ ନାହିଁ କିମ୍ବା ଆଦୌ କାର୍ଯ୍ୟକାରୀ ହୋଇପାରେ ନାହିଁ।

1.2.1. ଏକ ଦିନର ଟ୍ରେଡିଂ ବା କାରବାର ଚାଲ୍ ଅର୍ଥାତ୍ ଷ୍ଟ୍ରାଟେଜିର ଅଂଶବିଶେଷ ଭାବେ ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି କିଣିବା କିମ୍ବା ବିକିବା ହୁଏତ କ୍ଷତିର କାରଣ ହୋଇପାରେ, କାରଣ ଏହିଭଳି ଏକ ପରିସ୍ଥିତିରେ, ଆଶା କରାଯାଉଥିବା ମୂଲ୍ୟ ତୁଳନାରେ, ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି ହୁଏତ ସ୍ୱଳ୍ପ/ଉଚ୍ଚ ମୂଲ୍ୟରେ ବିକ୍ରୟ/କ୍ରୟ କରାଯାଇପାରେ, ଫଳରେ ଏକ ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି ବିତରଣ କିମ୍ବା ପ୍ରାପ୍ତ କରିବା ପାଇଁ ଯେକୌଣସି ଉନ୍ମୁକ୍ତ ଅବସ୍ଥା କିମ୍ବା ନୈତିକ ଦାୟିତ୍ୱ ରହିନଥାଏ।

### 1.3. ସୁଦୂରପ୍ରସାରୀ ବିପଦ:

ବିସ୍ତାର ଅର୍ଥାତ୍ ସ୍ପ୍ରେଡ୍ ଶ୍ରେଷ୍ଠ କ୍ରୟ ମୂଲ୍ୟ ଏବଂ ଶ୍ରେଷ୍ଠ ବିକ୍ରୟ ମୂଲ୍ୟ ମଧ୍ୟରେ ଥିବା ପାର୍ଥକ୍ୟକୁ ସୂଚିତ କରିଥାଏ। ଏହା ଏକ ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି କ୍ରୟ ମୂଲ୍ୟ ଏବଂ ସଙ୍ଗେ ସଙ୍ଗେ ତାହା ବିକ୍ରୟ କରିବା କିମ୍ବା ବିପରୀତ କ୍ରମରେ ଥିବା ପାର୍ଥକ୍ୟ ଉପସ୍ଥାପନ କରିଥାଏ। ବହୁତ କମ୍ ଲିକ୍ୟୁଡିଟି ଏବଂ ବହୁତ ଅଧିକ ଭୋଲାଟିଲିଟି ହୁଏତ କମ୍ ଲିକ୍ୟୁଡ୍ କିମ୍ବା ଲିକ୍ୟୁଡ୍ ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି ନିମନ୍ତେ ସାଧାରଣଠାରୁ ଅଧିକ ବ୍ୟାପକ ବିସ୍ତାରର ଫଳାଫଳ ହୋଇପାରେ। ଅପରପକ୍ଷରେ ଏହା ଉତ୍ତମ ମୂଲ୍ୟ ଗଠନ କ୍ଷେତ୍ରରେ ବାଧା ଉପୁଜାଇବ।

### 1.4. ବିପଦ-ହ୍ରାସକାରୀ ଅର୍ଡର:

ଯେଉଁ ଅର୍ଡରଗୁଡ଼ିକ (ଯେପରି କି କ୍ଷତି ବନ୍ଦ କରିବା ଅର୍ଡର, କିମ୍ବା ସୀମିତ ଅର୍ଡର) କ୍ଷତିକୁ ନିର୍ଦ୍ଦିଷ୍ଟ ପରିମାଣ ପର୍ଯ୍ୟନ୍ତ ସୀମିତ କରିବା ପାଇଁ ଉଦ୍ଦିଷ୍ଟ ଅଟେ ତାହା ଅଧିକାଂଶ ସମୟରେ ଫଳପ୍ରଦ ହୋଇନପାରେ କାରଣ ବଜାର ସ୍ଥିତିରେ ଦ୍ରୁତ ଚଳନ ଏହିଭଳି ଅର୍ଡର କାର୍ଯ୍ୟକାରୀ କରିବା ଅସମ୍ଭବ କରିପାରେ।

1.4.1. ଏକ ବଜାର ଅର୍ଡର ଶୀଘ୍ର କାର୍ଯ୍ୟକାରୀ କରାଯିବ, ଏହା ବିପରୀତ ପାର୍ଶ୍ୱରେ ଅର୍ଡରର ଉପଲବ୍ଧତା ଅନୁଯାୟୀ ହୋଇଥାଏ, ମୂଲ୍ୟ ନିର୍ବିଶେଷରେ ହୋଇଥାଏ ଏବଂ ଯେତେବେଳେ ଗ୍ରାହକ ଜଣକ ହୁଏତ ଏକ ବଜାର ଅର୍ଡରର ଶୀଘ୍ର କାର୍ଯ୍ୟକାରିତା ପ୍ରାପ୍ତ କରିପାରନ୍ତି, ଏହି କାର୍ଯ୍ୟକାରିତା ହୁଏତ ଅତି ଉତ୍କୃଷ୍ଟ ଅର୍ଡରର ଉପଲବ୍ଧ ମୂଲ୍ୟରେ ହୋଇପାରେ, ଯାହାକି ସମୟ ମୂଲ୍ୟ ଗୁରୁତ୍ୱ ଦୃଷ୍ଟିରୁ ଅର୍ଡର ପରିମାଣକୁ ପୂରଣ କରିଥାଏ। ଏହା ବୁଝାଯାଇପାରେ କି ଏହି ମୂଲ୍ୟଗୁଡ଼ିକ ଶେଷ ଥର ଟ୍ରେଡ୍ ହୋଇଥିବା ମୂଲ୍ୟ କିମ୍ବା ସେହି ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି କ୍ଷେତ୍ରରେ ଶ୍ରେଷ୍ଠ ମୂଲ୍ୟଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ପୃଥକ ହୋଇପାରେ।

1.4.2. ଅର୍ଡର ପାଇଁ ନିର୍ଦ୍ଧାରିତ ହୋଇଥିବା ସୀମିତ ମୂଲ୍ୟରେ କିମ୍ବା ଏକ ଉତ୍ତମ ମୂଲ୍ୟରେ କେବଳ ଏକ ସୀମିତ ଅର୍ଡର କାର୍ଯ୍ୟକାରୀ ହେବ। ଯଦିଓ, ଯେତେବେଳେ ଗ୍ରାହକ ମୂଲ୍ୟ ସୁରକ୍ଷା ପ୍ରାପ୍ତ କରିବେ, ସେହି କ୍ଷେତ୍ରରେ ଅର୍ଡରଟି ହୁଏତ ଆଦୌ କାର୍ଯ୍ୟକାରୀ ହୋଇନପାରିବାର ସମ୍ଭାବନା ରହିଛି।

1.4.3. ଏକ କ୍ଷତି ବନ୍ଦ ହେବା ଅର୍ଡର ସାଧାରଣତଃ ଷ୍ଟକ୍/ବ୍ୟୁତ୍ପନ୍ନ ଚୁକ୍ତିଠାରୁ ଦୂରରେ ସ୍ଥାନିତ କରାଯାଇଥାଏ, ଏବଂ ଯଦିଓ ଯେତେବେଳେ ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି ବନ୍ଦ ହେବା ମୂଲ୍ୟରେ ପହଞ୍ଚିଥାଏ କିମ୍ବା ଏହା ମଧ୍ୟ ଦେଇ ଟ୍ରେଡ୍ ହୋଇଥାଏ, ସେତେବେଳେ ଏହିଭଳି ଅର୍ଡର ସକ୍ରିୟ ହୋଇଥାଏ। ବିକ୍ରୟ ବନ୍ଦ ଅର୍ଡର ସାଧାରଣ ଭାବେ ବର୍ତ୍ତମାନର ମୂଲ୍ୟଠାରୁ ତଳେ ଏଣ୍ଟର କରାଯାଏ ଏବଂ କ୍ରୟ ବନ୍ଦ ଅର୍ଡର ସାଧାରଣତଃ ସାମ୍ପ୍ରତିକ ମୂଲ୍ୟର ଉପରେ ଏଣ୍ଟର୍ କରାଯାଏ। ଯେତେବେଳେ ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି ପୂର୍ବ-ନିର୍ଦ୍ଧାରିତ ମୂଲ୍ୟରେ ପହଞ୍ଚେ, ଏହିଭଳି ମୂଲ୍ୟ ମଧ୍ୟ ଦେଇ ଟ୍ରେଡ୍ ହୋଇଥାଏ, କ୍ଷତି ବନ୍ଦ ହେବ ଅର୍ଡର ଏକ ବଜାର/ସୀମିତ ଅର୍ଡରକୁ ରୂପାନ୍ତରିତ ହୋଇଥାଏ ଏବଂ ସୀମିତ କିମ୍ବା ଉତ୍ତମ ସ୍ଥିତିରେ କାର୍ଯ୍ୟକାରୀ ହୋଇଥାଏ। ସୀମିତ ଅର୍ଡର କାର୍ଯ୍ୟକାରୀଯୋଗ୍ୟ ହେବା ଉପରେ କୌଣସି ସୁନିଶ୍ଚିତତା ନଥାଏ ଯେହେତୁ ଏକ ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି ହୁଏତ ପୂର୍ବ-ନିର୍ଦ୍ଧାରିତ ମୂଲ୍ୟରେ ପ୍ରବେଶ କରିପାରେ, ସେ କ୍ଷେତ୍ରରେ ଏକ ନିୟମିତ ସୀମିତ ଅର୍ଡର ପରି, ଏହିଭଳି ଅର୍ଡର କାର୍ଯ୍ୟକାରୀ ନହେବା ବିପଦ ଆଶଙ୍କା ଦେଖାଦେଇଥାଏ।

### 1.5. ଖବର ଘୋଷଣା ହେବା ସମ୍ବନ୍ଧିତ ବିପଦ:

ଖବର ଘୋଷଣା ଯାହା ଷ୍ଟକ୍/ବ୍ୟୁତ୍ପନ୍ନ ଚୁକ୍ତି ମୂଲ୍ୟ ଉପରେ ପ୍ରଭାବ ପକାଇପାରେ ତାହା ଟ୍ରେଡିଂ ବା କାରବାର ସମୟରେ ଘଟିପାରେ, ଏବଂ ଯେତେବେଳେ ନିମ୍ନତର ଲିକ୍ୟୁଡିଟି ଏବଂ ଉଚ୍ଚତର ଭୋଲାଟିଲିଟି ଏକା ସଙ୍ଗରେ ରହିଥାଏ, ତାହା ହୁଏତ ସିକ୍ୟୁରିଟି/ଚୁକ୍ତି ମୂଲ୍ୟରେ ଆକସ୍ମିକ ଭାବରେ ଏକ ଅପ୍ରତ୍ୟାଶିତ ସକରାତ୍ମକ କିମ୍ବା ନକରାତ୍ମକ ଗତିଶୀଳତା ଘଟାଇପାରେ।

### 1.6. ଗୁଜବ ସମ୍ବନ୍ଧିତ ବିପଦ:

ସମୟ ସମୟରେ କମ୍ପାନି/ପ୍ରଚଳିତ ମୁଦ୍ରା ସମ୍ବନ୍ଧରେ ଗୁଜବ ବଜାରରେ କୁହାକଥା, ସମ୍ବାଦ ପତ୍ର, ୱେବସାଇଟ୍ କିମ୍ବା ସମ୍ବାଦ ସରବରାହ ସଂସ୍ଥା ଅର୍ଥାତ୍ ନ୍ୟୁଜ୍ ଏଜେନ୍ସି, ଇତ୍ୟାଦି ମାଧ୍ୟମରେ ପ୍ରଚାରିତ ହୋଇଥାଏ। ପୁଞ୍ଜିନିବେଶକାରୀମାନେ ସାବଧାନ ରହିବା ସହିତ ଗୁଜବ ଅନୁସାରେ କାର୍ଯ୍ୟ କରିବାଠାରୁ ବିରତ ରହିବା ଉଚିତ।

**1.7. ସିଷ୍ଟମ ସମ୍ପର୍କିତ ବିପଦ:**
ବଜାର ଖୋଲିବା ସମୟରେ ଏବଂ ବଜାର ବନ୍ଦ ହେବା ପୂର୍ବ ସମୟରେ ଉଚ୍ଚ ମାତ୍ରାରେ ଟ୍ରେଡିଂ ବା କାରବାର ବାରମ୍ବାର ହେବା। ଏହିଭଳି ଉଚ୍ଚ ମାତ୍ରଗୁଡ଼ିକ ହୁଏତ ଦିନର ଯେକୌଣସି ସମୟରେ ମଧ୍ଯ ଘଟିପାରେ। ଏଗୁଡ଼ିକ ହୁଏତ କାର୍ଯ୍ୟକାରୀ କିମ୍ବା ସୁନିଶ୍ଚିତତା ପାଇଁ ବିଳମ୍ବ ଘଟାଇପାରେ।

1.7.1. ଭୋଲାଟିଲିଟି ଅବଧିରେ, ବଜାର ଅଂଶଗ୍ରହଣକାରୀମାନେ କ୍ରମାଗତଭାବେ ସେମାନଙ୍କର ଅର୍ଡର ପରିମାଣ କିମ୍ବା ମୂଲ୍ୟ କିମ୍ବା ନୂତନ ଅର୍ଡର ସ୍ଥାନିତ କରିବା ଦ୍ୱାରା, କାର୍ଯ୍ୟକାରୀ ଏବଂ ଏହାର ସୁନିଶ୍ଚିତତା କ୍ଷେତ୍ରରେ ବିଳମ୍ବ ଘଟିପାରେ।

1.7.2. ନିର୍ଦ୍ଦିଷ୍ଟ ବଜାର ସ୍ଥିତିରେ, ଏକ ଯୁକ୍ତିଯୁକ୍ତ ମୂଲ୍ୟ କିମ୍ବା କଦାପି ଯୁକ୍ତିଯୁକ୍ତ ମୂଲ୍ୟରେ ବଜାରରେ ଏକ ସ୍ଥିତି ଲିକ୍ୟୁଡେଟ୍ କରିବା କଷ୍ଟକର କିମ୍ବା ଅସମ୍ଭବ ହୋଇପାରେ, ଯେତେବେଳେ ହୁଏତ କ୍ରୟ ପକ୍ଷ କିମ୍ବା ବିକ୍ରୟ ପକ୍ଷରେ କୌଣସି ଅତି ଉତ୍କୃଷ୍ଟ ଅର୍ଡର ନଥାଏ, କିମ୍ବା ଅସାଧାରଣ ଟ୍ରେଡିଂ ବା କାରବାର କାର୍ଯ୍ୟକଳାପ କିମ୍ବା ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି ସର୍କିଟ୍ ଫିଲଟରକୁ ପ୍ରଭାବିତ କରିବା କିମ୍ବା ଅନ୍ୟ କୌଣସି କାରଣ ଦୃଷ୍ଟିରୁ କୌଣସି କାର୍ଯ୍ୟାନୁଷ୍ଠାନ ଯୋଗୁ ଏକ ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତି ଯଦି ବାଧାପ୍ରାପ୍ତ ହୁଏ।

**1.8. ସିଷ୍ଟମ/ନେଟୱାର୍କ ଅବରୋଧ:**
ଅର୍ଡର ସ୍ଥାନିତ ଓ ପରିଚାଳିତ କରିବା ପାଇଁ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଏକ୍ସଚେଞ୍ଜରେ ଟ୍ରେଡିଂ ବା କାରବାର, ସାଟେଲାଇଟ୍/ଲିଜ୍ ଲାଇନ୍ ଆଧାରିତ ଯୋଗାଯୋଗ, ଟେକ୍ନୋଲୋଜି ଏବଂ କମ୍ପ୍ୟୁଟର ସିଷ୍ଟମର ସମ୍ମେଳନ ଉପରେ ଆଧାରିତ ଅଟେ। ତେଣୁ, ଯୋଗାଯୋଗ ବିଚ୍ଛିନ୍ନତା କିମ୍ବା ସିଷ୍ଟମରେ ସମସ୍ୟା ଦେଖାଦେବା କିମ୍ବା ସିଷ୍ଟମରୁ ବିଳମ୍ବରେ ଜବାବ ମିଳିବା କିମ୍ବା ଟ୍ରେଡିଂ ବା କାରବାର ଅଟକିବା, କିମ୍ବା ଏହିଭଳି ଯେକୌଣସି ସମସ୍ୟା/ପ୍ରତିବନ୍ଧକର ସମ୍ଭାବନା ରହିଥାଏ ଯେଉଁ କ୍ଷେତ୍ରରେ ଟ୍ରେଡିଂ ବା କାରବାର ସିଷ୍ଟମ/ନେଟୱାର୍କକୁ ଆକସେସ୍ ସ୍ଥାପନ କରିବାରେ ସମର୍ଥ ହୋଇନଥାଏ, ଯାହା ହୁଏତ ନିୟନ୍ତ୍ରଣ ବାହାରେ ହୋଇପାରେ ଏବଂ ଆଂଶିକ ଭାବରେ କିମ୍ବା ସମ୍ପୂର୍ଣ୍ଣ ଭାବରେ ଅର୍ଡର କ୍ରୟ କିମ୍ବା ବିକ୍ରୟ ପ୍ରକ୍ରିୟା ଅର୍ଥାତ୍ ପ୍ରୋସେସିଂ କରିବାରେ ବିଳମ୍ବ କିମ୍ବା ପ୍ରୋସେସିଂ ନକରିବାର କାରଣ ହୋଇପାରେ। ଏଥି ପାଇ~ଣ ଧ୍ୟାନ ଦେବାକୁ ଆପଣଙ୍କୁ ସତର୍କ କରିଦିଆଯାଇଛି ଯେ ଯଦିଓ ଏହି ସମସ୍ୟା ପ୍ରକୃତି ଦୃଷ୍ଟିରୁ ଅସ୍ଥାୟୀ ହୋଇପାରେ, କିନ୍ତୁ ଯେତେବେଳେ ଆପଣଙ୍କର ଅତି ଉତ୍କୃଷ୍ଟ ଉନ୍ମୁକ୍ତ ସ୍ଥିତି କିମ୍ବା ଅପ୍ରତ୍ୟାଶିତ ଅର୍ଡର ରହିଥାଏ, ସମସ୍ତ କାର୍ଯ୍ୟକାରୀ ହୋଇଥିବା କାରବାରଗୁଡ଼ିକ ମୀମାଂସା କରିବା ପାଇଁ ଆପଣଙ୍କର ନୈତିକ ଦାୟିତ୍ୱ କାରଣରୁ ଏଗୁଡ଼ିକ ଏକ ବିପଦ ଆଶଙ୍କା ଉପସ୍ଥାପନ କରିଥାଏ।

**2. ବ୍ୟୁତ୍ପନ୍ନ ପ୍ରକାର ଅର୍ଥାତ୍ ଡେରିଭେଟିଭ୍ ବର୍ଗ ଦୃଷ୍ଟିରୁ, ଦୟାକରି ଧ୍ୟାନ ଦିଅନ୍ତୁ ଏବଂ ନିଜକୁ ନିମ୍ନୋକ୍ତ ଅତିରିକ୍ତ ବୈଶିଷ୍ଟ୍ୟଗୁଡ଼ିକ ସହିତ ପରିଚିତ କରାନ୍ତୁ:-**

**2.2 ଲିଭରେଜ୍ କିମ୍ବା ଗିଅରିଂର ଫଳାଫଳ:**

ବ୍ୟୁତ୍ପନ୍ନ ବଜାର ଅର୍ଥାତ୍ ଡେରିଭେଟିଭ୍ ମାର୍କେଟରେ, ବ୍ୟୁତ୍ପନ୍ନ ଚୁକ୍ତିର ମୂଲ୍ୟ ଅପେକ୍ଷା ମାର୍ଜିନର ପରିମାଣ କମ୍ ରହିଥାଏ ଫଳରେ କାରବାରଗୁଡ଼ିକ ଲେଭେରେଜ୍ କିମ୍ବା ଗିଅରିଂ ହୋଇଥାଏ। ଡେରିଭେଟିଭ୍ ଟ୍ରେଡିଂ ବା କାରବାର ଯାହାକି ଏକ ଅପେକ୍ଷାକୃତ ଭାବେ କ୍ଷୁଦ୍ର ପରିମାଣର ମାର୍ଜିନରେ ପରିଚାଳିତ ହୋଇଥାଏ, ମାର୍ଜିନ୍ ପରିମାଣ ତୁଳନାରେ ବହୁତ ଲାଭ କିମ୍ବା କ୍ଷତିର ସମ୍ଭାବ୍ୟତା ପ୍ରଦାନ କରିଥାଏ। ଡେରିଭେଟିଭରେ କାରବାର ଉଚ୍ଚ ମାତ୍ରାରେ ବିପଦ ଆଶଙ୍କା ବହନ କରିଥାଏ।

ଆପଣ ବାସ୍ତବରେ ଡେରିଭେଟିଭରେ ଟ୍ରେଡିଂ ବା କାରବାର କରିବା ପୂର୍ବରୁ ନିମ୍ନୋକ୍ତ ବିବରଣୀଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ବୁଝିବା ଉଚିତ ଏବଂ ଆହୁରି ମଧ୍ଯ ଜଣଙ୍କର ପରିସ୍ଥିତି, ଆର୍ଥିକ ସମ୍ବଳ, ଇତ୍ୟାଦିକୁ ବିଚାରକୁ ନେଇ ସାବଧାନତାର ସହ ଟ୍ରେଡ୍ କରନ୍ତୁ। ଯଦି ମୂଲ୍ୟଗୁଡ଼ିକ ଆପଣଙ୍କ ବିପକ୍ଷରେ ଯାଏ, ଆପଣ ହୁଏତ ଅପେକ୍ଷାକୃତ ଭାବରେ କମ୍ ସମୟ ଅବଧିରେ ମାର୍ଜିନ୍ ଅର୍ଥରାଶିର ଏକ ଅଂଶ କିମ୍ବା ସମୁଦାୟ ମାର୍ଜିନ୍ ଅର୍ଥରାଶି ହରାଇପାରନ୍ତି। ଅଧିକନ୍ତୁ, ସମ୍ପୃକ୍ତ କ୍ଷତି ହୁଏତ ପ୍ରକୃତ ମାର୍ଜିନ୍ ପରିମାଣ ଅତିକ୍ରମ କରିପାରେ।

କ. ଭବିଷ୍ୟତ ଅର୍ଥାତ୍ ଫ୍ୟୁଚର୍ ଟ୍ରେଡିଂ ବା କାରବାର ସମସ୍ତ ସ୍ଥିତିର ଦୈନିକ ବନ୍ଦୋବସ୍ତ ଜଡ଼ିତ କରିଥାଏ। ପ୍ରତିଦିନ ଉନ୍ମୁକ୍ତ ସ୍ଥିତିଗୁଡ଼ିକ ସୂଚକାଙ୍କ ଅର୍ଥାତ୍ ଇଣ୍ଡେକ୍ସ କିମ୍ବା ବ୍ୟୁତ୍ପନ୍ନ ଚୁକ୍ତିର ବନ୍ଦ ହେବା ସ୍ତର ଉପରେ ଆଧାରିତ ବଜାର ଅନୁଯାୟୀ ଚିହ୍ନିତ ହୋଇଥାଏ। ଯଦି ଚୁକ୍ତି ଆପଣଙ୍କ ବିପକ୍ଷରେ ଯାଏ, ଆପଣ ଏହି ଗତିଶୀଳତାରୁ ଉପୁଜିଥିବା (ଅବାସ୍ତବ) କ୍ଷତିର ପରିମାଣ ଜମା କରିବା ଆବଶ୍ୟକ। ଏହି ଅର୍ଥ ରାଶି ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ, ସାଧାରଣତଃ ପରବର୍ତ୍ତୀ ଦିନର ଟ୍ରେଡିଂ ବା କାରବାର ଆରମ୍ଭ ହେବା ପୂର୍ବରୁ ପ୍ରଦାନ କରାଯିବ।

ଖ. ଯଦି ଆପଣ ଚୂଡ଼ାନ୍ତ ସମୟ ସୀମା ମଧ୍ୟରେ ଅତିରିକ୍ତ ଅର୍ଥରାଶି ଜମା କରିବାରେ ବିଫଳ ହୁଅନ୍ତି କିମ୍ବା ଯଦି ଆପଣଙ୍କ ଏକାଉଣ୍ଟରେ ଏକ ବଡ଼ ଧରଣର ଋଣ ସୃଷ୍ଟି ହୋଇଥାଏ, ଷ୍ଟକ୍ ବ୍ରୋକର୍ ହୁଏତ ସ୍ଥିତିର ଏକ ଅଂଶ କିମ୍ବା ସମୁଦାୟ ସ୍ଥିତି କିମ୍ବା ବିକଳ୍ପ ସିକ୍ୟୁରିଟି ଲିକ୍ୟୁଡେଟ୍ କରିପାରନ୍ତି। ଏ କ୍ଷେତ୍ରରେ, ଏହିଭଳି ଟ୍ରେଡିଂ ବା କାରବାର ବନ୍ଦ ହେବା ଘଟଣା ଯୋଗୁ ଉପୁଜୁଥିବା ଯେକୌଣସି କ୍ଷତି ପାଇଁ ଆପଣ ଉତ୍ତରଦାୟୀ ରହିବେ।

ଗ. ନିର୍ଦ୍ଦିଷ୍ଟ ବଜାର ସ୍ଥିତିରେ, ଜଣେ ପୁଞ୍ଜିନିବେଶକାରୀଙ୍କ କ୍ଷେତ୍ରରେ କାରବାର ଚଳାଇବା କଷ୍ଟକର କିମ୍ବା ଅସମ୍ଭବ ହୋଇପାରେ। ଉଦାହରଣ ସ୍ୱରୂପ, ଏହି ପରିସ୍ଥିତି ଲିକ୍ୟୁଡିଟି ଯଥା ମୂଲ୍ୟ ସୀମିତତା କିମ୍ବା ସର୍କିଟ୍ ବ୍ରେକର୍ ଇତ୍ୟାଦି ଯୋଗୁ ଅପର୍ଯ୍ୟାପ୍ତ ନିଲାମ ଡାକ ଅର୍ଥାତ୍ ବିଡ୍ କିମ୍ବା ଅଫର୍ କିମ୍ବା ଟ୍ରେଡ୍ ରଦ୍ଦ କାରଣ ପାଇଁ ସଂଘଠିତ ହୋଇପାରେ।

ଘ. ବଜାର ସ୍ଥିରତା ବଜାୟ ରଖିବା ନିମନ୍ତେ, ନିମ୍ନୋକ୍ତ ପଦକ୍ଷେପମାନ ଗ୍ରହଣ କରାଯାଇପାରେ: ମାର୍ଜିନ ହାରରେ ପରିବର୍ତ୍ତନ, ନଗଦ ଅର୍ଥ ମାର୍ଜିନ୍ ହାରରେ ବୃଦ୍ଧି କିମ୍ବା ଅନ୍ୟାନ୍ୟ ବିଷୟ। ଏହି ନୂତନ ପଦକ୍ଷେପଗୁଡ଼ିକ ହୁଏତ ପ୍ରଯୁଜ୍ୟ ଉନ୍ମୁକ୍ତ ସୁଧ ପ୍ରତି ଲାଗୁ ମଧ୍ଯ ହୋଇପାରେ। ଏପରି ସ୍ଥିତିରେ, ଆପଣ ଅତିରିକ୍ତ ମାର୍ଜିନ୍ ସାମିଲ କରିବା କିମ୍ବା ଆପଣଙ୍କର ସ୍ଥିତି ହ୍ରାସ କରିବା ଆବଶ୍ୟକ ହେବ।

ଙ. ଆପଣ ଟ୍ରେଡ୍ କରିବାକୁ ଯୋଜନା କରୁଥିବା ବ୍ୟୁତ୍ପନ୍ନ ଚୁକ୍ତିର ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ପାଇଁ ଆପଣ ହୁଏତ ଆପଣଙ୍କର ବ୍ରୋକରଙ୍କୁ କହିବା ଉଚିତ, ତାହା ହେଉଛି ଚୁକ୍ତି ବିବରଣୀ ଏବଂ ସମ୍ପୃକ୍ତ ନୈତିକ ଦାୟିତ୍ୱ।

**2.2. ପ୍ରଚଳିତ ମୁଦ୍ରା ସମ୍ପର୍କିତ ବିପଦ ଆଶଙ୍କା:**

1. ବୈଦେଶିକ ମୁଦ୍ରା – ନାମାଙ୍କିତ ଚୁକ୍ତିରେ କାରବାରରେ ଲାଭ କିମ୍ବା କ୍ଷତି, ସେଗୁଡ଼ିକ ଆପଣଙ୍କ ନିଜର କିମ୍ବା ଅନ୍ୟ ଜଣଙ୍କର ବିଚାର ପରିସରରେ ଟ୍ରେଡ୍ ହୋଇଥାଏ ତାହା ଯାହା ହେଉନା କାହିଁକି, ପ୍ରଚଳିତ ମୁଦ୍ରା ଦରରେ ଅସ୍ଥିରତା ଦ୍ୱାରା ପ୍ରଭାବିତ ହେବ, ସେ କ୍ଷେତ୍ରରେ ଚୁକ୍ତିର ପ୍ରଚଳିତ ମୁଦ୍ରା ନାମାଙ୍କନକୁ ଅନ୍ୟ ଏକ ମୁଦ୍ରାକୁ ରୂପାନ୍ତରିତ କରିବାର ଆବଶ୍ୟକତା ରହିଛି।

2. ନିର୍ଦ୍ଦିଷ୍ଟ ବଜାର ସ୍ଥିତିରେ, ଆପଣଙ୍କୁ ହୁଏତ ଏକ ସ୍ଥିତି ଅର୍ଥାତ୍ ପୋଜିସନ୍ ଲିକ୍ୟୁଡେଟ୍ କରିବା କଷ୍ଟକର କିମ୍ବା ଅସମ୍ଭବ ହୋଇପାରେ। ଏହା ଘଟିପାରେ, ଉଦାହରଣ ସ୍ୱରୂପ ଯେତେବେଳେ ଏକ ମୁଦ୍ରା ଅନିୟନ୍ତ୍ରିତ ହୋଇଥାଏ କିମ୍ବା ନିର୍ଦ୍ଦିଷ୍ଟ ଟ୍ରେଡିଂ ବା କାରବାର ବ୍ରାଣ୍ଡଗୁଡ଼ିକ ସୁଦୂରପ୍ରସାରୀ ହୋଇଥାଏ।

3. ପ୍ରଚଳିତ ମୁଦ୍ରାର ମୂଲ୍ୟ ଅତ୍ୟନ୍ତ ଅସ୍ଥିର ଅଟେ। ପ୍ରଚଳିତ ମୁଦ୍ରା କ୍ଷେତ୍ରରେ ମୂଲ୍ୟ ଗତିଶୀଳତା ଅନ୍ୟାନ୍ୟ ବିଷୟଗୁଡ଼ିକ ଦ୍ୱାରା ପ୍ରଭାବିତ ହୋଇଥାଏ: ଯୋଗାଣ-ଚାହିଦା ସମ୍ପର୍କରେ ପରିବର୍ତ୍ତନ, ସରକାରଙ୍କ ଟ୍ରେଡ୍, ରାଜସ୍ୱ ସମ୍ବନ୍ଧୀୟ, ଅର୍ଥ ସମ୍ବନ୍ଧୀୟ, ବିନିମୟ ନିୟନ୍ତ୍ରଣ କାର୍ଯ୍ୟଗୁଡ଼ିକ ଏବଂ ନୀତିଗୁଡ଼ିକ ବୈଦେଶିକ ରାଜନୈତିକ ଓ ଅର୍ଥନୈତିକ ଘଟଣା ଏବଂ ନୀତିଗୁଡ଼ିକ ଜାତୀୟ ଓ ଅନ୍ତର୍ଜାତୀୟ ସୁଧ ହାର ଓ ମୁଦ୍ରାସ୍ଫୀତି ପ୍ରଚଳିତ ମୁଦ୍ରା ମୂଲ୍ୟରେ ହ୍ରାସ ବଜାର ସ୍ଥଳର ମନୋଭାବ। ଏହି ମଧ୍ୟରୁ କୌଣସି କାରଣକୁ ଯେ କେହି ବ୍ୟକ୍ତିଗତ ପରାମର୍ଶଦାତାଙ୍କ ଦ୍ୱାରା ନିୟନ୍ତ୍ରଣ କରାଯାଇପାରିବ ନାହିଁ ଏବଂ ଭରସା ଦିଆଯାଇପାରିବ ନାହିଁ ଯେ ଜଣେ ପରାମର୍ଶଦାତାଙ୍କ ଉପଦେଶ ଜଣେ ଅଂଶଗ୍ରହଣକାରୀ ଗ୍ରାହକଙ୍କ ପାଇଁ ଲାଭଯୁକ୍ତ ଟ୍ରେଡ୍ ଫଳାଫଳ ଆଣିଦେବ କିମ୍ବା ଜଣେ ଗ୍ରାହକ ଏହିଭଳି ଘଟଣାରେ କୌଣସି କ୍ଷତି ସହିବେ ନାହିଁ।

**2.3. ବିକଳ୍ପଧାରୀଙ୍କର ବିପଦ ଆଶଙ୍କା:**

1. ଜଣେ ବିକଳ୍ପଧାରୀ ଅପେକ୍ଷାକୃତ ଭାବେ କମ୍ ସମୟ ଅବଧିରେ ବିକଳ୍ପ ପାଇଁ ପ୍ରଦାନ କରାଯାଇଥିବା ସମୁଦାୟ ଅର୍ଥରାଶି ହରାଇବାର ବିପଦ ଆଶଙ୍କା ରହିଛି। ଏହି ବିପଦ ଆଶଙ୍କା ଗୋଟିଏ ବିକଳ୍ପକୁ ଅପଚୟକାରୀ ସମ୍ପତ୍ତି ରୂପେ ପ୍ରତିଫଳିତ କରିଥାଏ ଯାହା ମୂଲ୍ୟହୀନ ହୋଇଥାଏ ଯେତେବେଳେ ଏହାର ସମୟସୀମା ଅତିକ୍ରାନ୍ତ ହୋଇଥାଏ। ଜଣେ ବିକଳ୍ପ ଧାରଣକାରୀ ଗୌଣ ବଜାରରେ ତାଙ୍କର ବିକଳ୍ପ ବିକ୍ରୟ କରିନଥାନ୍ତି କିମ୍ବା ଏହାର ସମୟସୀମା ଅତିକ୍ରାନ୍ତ ହେବା ପୂର୍ବରୁ ପ୍ରୟୋଗ କରିନଥାନ୍ତି। ଫଳରେ ସେ ଏହି ବିକଳ୍ପରେ କରିଥିବା ସମ୍ପୂର୍ଣ୍ଣ ନିବେଶ ନିଶ୍ଚିତ ଭାବେ ହରାଇବେ। ଯଦି ଅନ୍ତର୍ନିହିତ ବିଷୟଟିର ମୂଲ୍ୟ ତାହାର ସମୟସୀମା ଅତିକ୍ରାନ୍ତ ହେବା ପୂର୍ବରୁ ଆଶା ମୁତାବକ ପରିବର୍ତ୍ତନ ହୁଏ ନାହିଁ, ତେବେ ପୁଞ୍ଜିନିବେଶକାରୀ ଜଣକ ଏହି ବିକଳ୍ପରେ କରିଥିବା ତାଙ୍କ ନିବେଶର ସମସ୍ତ କିମ୍ବା ମହତ୍ତ୍ୱପୂର୍ଣ୍ଣ ଅଂଶ ହରାଇପାରନ୍ତ।

2. ଏକ୍ସଚେଞ୍ଜ ହୁଏତ ପ୍ରୟୋଗ ପ୍ରତିବନ୍ଧକଗୁଡିକ ଲାଗୁ କରିପାରେ ଏବଂ ନିର୍ଦ୍ଧାରିତ ପରିସ୍ଥିତିରେ ନିର୍ଦ୍ଦିଷ୍ଟ ସମୟରେ ବିକଳ୍ପଗୁଡ଼ିକର ପ୍ରୟୋଗ ଉପରେ ଏକ୍ସଚେଞ୍ଜର ପୂର୍ଣ୍ଣକ୍ଷମତା ରହିଛି।

**2.4. ବିକଳ୍ପ ଲେଖକ ଅର୍ଥାତ୍ ଅପ୍ସନ୍ ରାଇଟରଙ୍କର ବିପଦ ଆଶଙ୍କା:**

1. ଯଦି ଅନ୍ତର୍ନିହିତ ବିଷୟଟିର ମୂଲ୍ୟ ଆଶା ମୁତାବକ ହୋଇନଥାଏ, ବିକଳ୍ପ ଲେଖକ (ଅପ୍ସନ ରାଇଟର୍) ବଡ ଧରଣର ଅର୍ଥରାଶି ହରାଇବାର ଆଶଙ୍କା ରହିଛି।

2. ଜଣେ ଅପ୍ସନ ରାଇଟର୍ ହେବା ଫଳରେ ଜାତ ହେଉଥିବା ବିପଦ ଆଶଙ୍କା ହୁଏତ ସେହି ସମାନ ଅନ୍ତର୍ନିହିତ ବିଷୟର ସ୍ୱାର୍ଥରେ ଅନ୍ୟ ବିକଳ୍ପଗୁଡିକ କ୍ରୟ କରିବା ଦ୍ୱାରା ଏବଂ ଏକ ବ୍ୟାପକ ସ୍ଥିତି ଗ୍ରହଣ କରିବା ଦ୍ୱାରା କିମ୍ବା ବିକଳ୍ପ ବାଜରରେ ପ୍ରତିବନ୍ଧିତ ସ୍ଥିତିର ଅନ୍ୟାନ୍ୟ ପ୍ରକାର ଅଧିଗ୍ରହଣ କରିବା ଫଳରେ ହ୍ରାସ କରାଯାଇପାରେ। ଯାହା ହେଲେ ମଧ୍ୟ, ଯେଉଁ କ୍ଷେତ୍ରରେ ରାଇଟର୍ ଜଣକ ଏକ ପରିସର ଅର୍ଥାତ୍ ସ୍ପ୍ରେଡ କିମ୍ବା ଅନ୍ୟାନ୍ୟ ପ୍ରତିବନ୍ଧିତ ସ୍ଥିତି ଗ୍ରହଣ କରିଛନ୍ତି, ବିପଦ ଆଶଙ୍କା ତଥାପି ମଧ୍ୟ ବଡ ଧରଣର ହୋଇପାରେ। ଏକ ସ୍ପ୍ରେଡ୍ ପୋଜିସନ ଅର୍ଥାତ୍ ବ୍ୟାପକ ସ୍ଥିତି ଏକ ସରଳ ଲମ୍ବା କିମ୍ବା ଛୋଟ ସ୍ଥିତି ଅପେକ୍ଷା କମ୍ ବିପଦପୂର୍ଣ୍ଣ ହେବା ଜରୁରୀ ନୁହେଁ।

3. କାରବାରଗୁଡିକ ଏକାସାଙ୍ଗରେ ଏକାଧିକ ବିକଳ୍ପ କିଣିବା ଏବଂ ଲେଖିବା ଅର୍ଥାତ୍ ରାଇଟିଂକୁ ଜଡିତ କରିଥାଏ, କିମ୍ବା ଏକା ସଙ୍ଗରେ କିଣିବା ବା ଲେଖିବା ବିକଳ୍ପ ସହିତ ଛୋଟ ଅନ୍ତର୍ନିହିତ ସ୍ୱାର୍ଥ ବିଷୟକୁ କିଣିବା ବା ବିକିବା, ନିବେଶକାରୀଙ୍କ ପ୍ରତି ବର୍ତ୍ତମାନର ଅତିରିକ୍ତ ବିପଦ ଆଶଙ୍କା ସହିତ ଜଡିତ ରହିଥାଏ। ସମୁଚ୍ଚୟ କାରବାରଗୁଡିକ, ଯେପରିକି ବିକଳ୍ପ ସ୍ପ୍ରେଡଗୁଡିକ, ଗୋଟିଏ ଏକକ ବିକଳ୍ପ କିଣିବା କିମ୍ବା ଲେଖିବା ଅର୍ଥାତ୍ ରାଇଟିଂ ଅପେକ୍ଷା ଅଧିକ ଜଟିଳ ଅଟେ। ଆହୁରି ମନେ ରଖିବା ଉଚିତ ଯେ, ପୁଞ୍ଜିନିବେଶର ଯେ କୌଣସି କ୍ଷେତ୍ରରେ, ଏକ ଜଟିଳତା ଯାହା ଭଲ ଭାବେ ବୁଝାପଡୁ ନାହିଁ, ତାହା ମଧ୍ୟ ନିଜେ ଏକ ବିପଦ ଆଶଙ୍କାର କାରଣ ଅଟେ। ଏହା ପରାମର୍ଶ ଦିଆଯାଉ ନାହିଁ ଯେ ସମୁଚ୍ଚ କୌଶଳ ଅର୍ଥାତ ଷ୍ଟ୍ରେଟେଜି ବିଚାର କରାଯିବା ଉଚିତ, ଏହା ପରାମର୍ଶ ଯୋଗ୍ୟ ଅଟେ କି, ବିକଳ୍ପରେ ରହିଥିବା ସମସ୍ତ ପୁଞ୍ଜିନିବେଶଗୁଡିକ କ୍ଷେତ୍ରରେ, ଯେ କେହି ଅଭିଜ୍ଞ ତଥା ଜ୍ଞାନୀ ବ୍ୟକ୍ତିଙ୍କ ସହ ବିଭିନ୍ନ ପ୍ରକାରର ବଜାର ପରିସ୍ଥିତିରେ ସମୁଚ୍ଚ କାରବାର ସମ୍ବନ୍ଧିତ ବିପଦ ଆଶଙ୍କା ଏବଂ ସମ୍ଭାବ୍ୟ ପରିଶୋଧ ସମ୍ପର୍କିତ ସମସ୍ୟା ବିଷୟରେ ପରାମର୍ଶ କରିବା ଉଚିତ।

**3. ଓୟାରଲେସ୍ ଟେକ୍ନୋଲୋଜି/ସ୍ମାର୍ଟ ଅର୍ଡର ରାଉଟିଂ କିମ୍ବା ଅନ୍ୟ ଯେକୌଣସି ଟେକ୍ନୋଲୋଜି ମାଧ୍ୟମରେ ଟ୍ରେଡିଂ ବା କାରବାର**

ଓୟାରଲେସ୍ ଟେକ୍ନୋଲୋଜି/ସ୍ମାର୍ଟ ଅର୍ଡର ରାଉଟିଂ କିମ୍ବା ଅନ୍ୟ ଯେ କୌଣସି ଟେକ୍ନୋଲୋଜି ମାଧ୍ୟମରେ ସିକ୍ୟୁରିଟି ଟ୍ରେଡିଂ ବା କାରବାର ସହିତ ଜଡିତ ବୈଶିଷ୍ଟ୍ୟ, ବିପଦ ଆଶଙ୍କା, ଦାୟିତ୍ୱବୋଧତା, ନୈତିକ ଦାୟିତ୍ୱ ଏବଂ ଉତ୍ତରଦାୟିତ୍ୱ ବ୍ୟାଖ୍ୟା କରୁଥିବା ଯେକୌଣସି ଅତିରିକ୍ତ ବ୍ୟବସ୍ଥା ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା ଗ୍ରାହକଙ୍କୁ ଅବଗତ କରାଯିବ।

**4. ସାଧାରଣ**

**4.1.** ସଂଗଠକ ଅର୍ଥାତ କନଷ୍ଟିଚ୍ୟୁଏଟ ଶବ୍ଦର ଅର୍ଥ ଏବଂ ଏହା ଏକ କ୍ଲାଏଣ୍ଟ ବା ଜଣେ ଗ୍ରାହକ କିମ୍ବା ଏକ ନିବେଶକାରୀଙ୍କୁ ଅନ୍ତର୍ଭୁକ୍ତ କରିବ, ଯିଏ ଷ୍ଟକ୍ ବ୍ରୋକରଙ୍କ ସହ ଏକ୍ସଚେଞ୍ଜ ଦ୍ୱାରା ପ୍ରଦତ୍ତ କୌଶଳ ମାଧ୍ୟମରେ ସିକ୍ୟୁରିଟି/ବ୍ୟୁତ୍ପନ୍ନ ଚୁକ୍ତିର ଅଧିଗ୍ରହଣ ଏବଂ/କିମ୍ବା ବିକ୍ରୟ ଉଦ୍ଦେଶ୍ୟରେ କାରବାର କରିଥାନ୍ତି।

**4.2.** ଷ୍ଟକ୍ ବ୍ରୋକର ଶବ୍ଦର ଅର୍ଥ ଏବଂ ଏହା ଜଣେ ଷ୍ଟକ୍ ବ୍ରୋକର୍, ଜଣେ ବ୍ରୋକର୍ କିମ୍ବା ଜଣେ ଷ୍ଟକ୍ ବ୍ରୋକରଙ୍କୁ ଅନ୍ତର୍ଭୁକ୍ତ କରିବ, ଯେ କି ଏକ୍ସଚେଞ୍ଜ ଦ୍ୱାରା ଷ୍ଟକ୍ ବ୍ରୋକର ଭାବେ ସ୍ୱୀକୃତ ହୋଇଛନ୍ତି ଏବଂ ଯେ କି SEBIଠାରୁ ପଞ୍ଜୀକରଣ ପ୍ରମାଣପତ୍ର ଧାରଣ କରିଛନ୍ତି।

# ପରିଶିଷ୍ଟ 6

## ମାର୍ଗଦର୍ଶନ ଟିପ୍ପଣୀ – ପୁଞ୍ଜିନିବେଶକାରୀଙ୍କ ନିମନ୍ତେ ଏକ୍ସଚେଞ୍ଜରେ ଟ୍ରେଡିଂ ପାଇଁ କରଣୀୟ ଏବଂ ବର୍ଜନୀୟ ବିଷୟଗୁଡ଼ିକ

**ଆପଣ ଟ୍ରେଡ୍ ଆରମ୍ଭ କରିବା ପୂର୍ବରୁ**

1. ସୁନିଶ୍ଚିତ କରନ୍ତୁ ଯେ ଆପଣ କେବଳ SEBI ପଞ୍ଜିକୃତ ମଧ୍ୟସ୍ଥଙ୍କ ସହିତ ଏବଂ ତାଙ୍କ ମାଧ୍ୟମରେ କାରବାର କରୁଛନ୍ତି। ଷ୍ଟକ୍ ଏକ୍ସଚେଞ୍ଜ xxx.exchange.com ଏବଂ SEBI ୱେବସାଇଟ୍ www.sebi.gov.inରେ ଉପଲବ୍ଧ ତାଲିକାରୁ ଆପଣ ହୁଏତ ସେମାନଙ୍କର ସେହି ପଞ୍ଜିକରଣ ପ୍ରମାଣପତ୍ର ଯାଞ୍ଚକରିପାରନ୍ତି।
2. ସୁନିଶ୍ଚିତ କରନ୍ତୁ ଯେ ଆପଣ ସମ୍ପୂର୍ଣ୍ଣ ରୂପେ KYC ଫର୍ମ୍ ପୂରଣ କରିବେ ଏବଂ KYC ଫର୍ମ୍‌ରେ ଥିବା ସୂନ୍ୟ ସ୍ଥାନ ଗାର ପକାଇ କାଟିଦେବେ।
3. ସୁନିଶ୍ଚିତ କରନ୍ତୁ ଯେ ଆପଣ ସମସ୍ତ ବାଧ୍ୟତାମୂଳକ ଦସ୍ତାବିଜ୍ (ଡକ୍ୟୁମେଣ୍ଟ) ଯଥା ଅଧିକାର ଓ ନୈତିକ କର୍ତ୍ତବ୍ୟ, ବିପଦ ଆଶଙ୍କା ପରିପ୍ରକାଶ ଡକ୍ୟୁମେଣ୍ଟ, ଷ୍ଟକ୍ ବ୍ରୋକରଙ୍କ ନୀତି ଓ ପ୍ରକ୍ରିୟା ଡକ୍ୟୁମେଣ୍ଟ ପଢ଼ିଛନ୍ତି।
4. ସ୍ୱେଚ୍ଛାକୃତ ଧାରାଗୁଡ଼ିକ, ଯଦି କିଛି ଥାଏ, ପଢ଼ିବା, ବୁଝିବା ପରେ ସ୍ୱାକ୍ଷର କରିବା ସୁନିଶ୍ଚିତ କରନ୍ତୁ, ଏହି ସ୍ୱେଚ୍ଛାକୃତ ଧାରାଗୁଡ଼ିକ ଉଭୟ ଆପଣ ଓ ଷ୍ଟକ୍ ବ୍ରୋକରଙ୍କ ମଧ୍ୟରେ ବୁଝାମଣାରେ ହୋଇଥାଏ ଏବଂ ଆପଣଙ୍କ ସମ୍ମତି ବ୍ୟତୀତ ପରିବର୍ତ୍ତନ କରାଯାଇପାରିବ ନାହିଁ।
5. ଟ୍ରେଡିଂ ନିମନ୍ତେ ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା ଆପଣଙ୍କ ଉପରେ ଲାଗୁ ହୋଇଥିବା ସମସ୍ତ ବ୍ରୋକରେଜ୍, କମିଶନ୍, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ ଏବଂ SEBI/ଷ୍ଟକ୍ ଏକ୍ସଚେଞ୍ଜ ଦ୍ୱାରା ନିର୍ଦ୍ଧାରିତ ପ୍ରାସଙ୍ଗିକ ବ୍ୟବସ୍ଥା/ନିର୍ଦ୍ଦେଶାବଳି ସମ୍ବନ୍ଧରେ ଏକ ସ୍ୱଷ୍ଟ ଧାରଣା ପ୍ରାପ୍ତ କରନ୍ତୁ।
6. ଆପଣଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ସମସ୍ତ ଡକ୍ୟୁମେଣ୍ଟର ନକଲ ଅର୍ଥାତ୍ କପି ବିନା ମୂଲ୍ୟରେ ଷ୍ଟକ୍ ବ୍ରୋକରଙ୍କଠାରୁ ପ୍ରାପ୍ତ କରନ୍ତୁ।
7. ଆପଣ ଷ୍ଟକ୍ ବ୍ରୋକରଙ୍କ ସପକ୍ଷରେ ପାୱାର ଅଫ୍ ଆଟର୍ଣ୍ଣି (POA - କ୍ଷମତା ପତ୍ର) କାର୍ଯ୍ୟକାରୀ କରିବାକୁ ଚାହୁଁଥିବା କ୍ଷେତ୍ରରେ, ଆପଣଙ୍କର ବ୍ୟାଙ୍କ ଏବଂ ଡିମାଟ୍ ଆକାଉଣ୍ଟ ସଞ୍ଚାଳନ କରିବାକୁ ଏହାକୁ କ୍ଷମତା ପ୍ରଦାନ କରନ୍ତୁ, ଦୟାକରି ଏ ସମ୍ପର୍କରେ SEBI/ଏକ୍ସଚେଞ୍ଜ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶାବଳି ଦେଖନ୍ତୁ।

**କାରବାର ଏବଂ ମୀମାଂସା**

8. ଯଦି ଆପଣଙ୍କ ଦ୍ୱାରା ଲିଖିତ ଭାବେ ନିର୍ଦ୍ଦିଷ୍ଟ ରୂପେ କ୍ଷମତା ପ୍ରଦାନ କରାଯାଏ ଷ୍ଟକ୍ ବ୍ରୋକର୍ ହୁଏତ ଇଲେକ୍ଟ୍ରୋନିକ କଣ୍ଟ୍ରାକ୍ଟ ନୋଟ୍ (ECN) ଜାରି କରିପାରନ୍ତି। ଏଥିପାଇଁ ଆପଣ ଆପଣଙ୍କର ଇମେଲ୍ ଆଇଡିକୁ ଷ୍ଟକ୍ ବ୍ରୋକରଙ୍କୁ ପ୍ରଦାନ କରିବା ଉଚିତ। ଯଦି ଆପଣ କମ୍ପ୍ୟୁଟର ଭଲ ଭାବେ ଜାଣି ନାହାନ୍ତି ତେବେ ECN ବାଛନ୍ତୁ ନାହିଁ।
9. ଅନ୍ୟ କାହାକୁ ଆପଣଙ୍କର ଇଣ୍ଟରନେଟ୍ ଟ୍ରେଡିଂ ଆକାଉଣ୍ଟ ପାସୱାର୍ଡ ପ୍ରଦାନ କରନ୍ତୁ ନାହିଁ।
10. ଷ୍ଟକ୍ ବ୍ରୋକରଙ୍କୁ ନଗଦ ରୋକଡା ଅର୍ଥାତ୍ କ୍ୟାସ ମାଧ୍ୟମରେ କୌଣସି ଦେୟ ପ୍ରଦାନ କରନ୍ତୁ ନାହିଁ।
11. ଷ୍ଟକ୍ ବ୍ରୋକରଙ୍କ ସପକ୍ଷରେ ଆକାଉଣ୍ଟରେ ପୈଠଯୋଗ୍ୟ  ଚେକ୍ ଜରିଆରେ ଦେୟ ପ୍ରଦାନ କରନ୍ତୁ। ଉପବ୍ରୋକରଙ୍କ ନାମରେ ଚେକ୍ ଜାରି କରନ୍ତୁ ନାହିଁ। ସୁନିଶ୍ଚିତ କରନ୍ତୁ ଯେ ଷ୍ଟକ୍ ବ୍ରୋକରଙ୍କ ନିକଟରେ ଆପଣଙ୍କର ସିକ୍ୟୁରିଟି ଦାଖଲ/ଜମାର ଏକ ଦସ୍ତାବିଜ୍ ଅର୍ଥାତ୍ ଡକ୍ୟୁମେଣ୍ଟ ସମ୍ବନ୍ଧୀୟ ପ୍ରମାଣ ରହିଛି, ଯାହା ତାରିଖ, ସ୍କ୍ରିପ, ପରିମାଣ, କେଉଁ ବ୍ୟାଙ୍କ/ଡିମାଟ ଆକାଉଣ୍ଟ ସପକ୍ଷରେ ଏହି ଟଙ୍କା କିମ୍ବା ସିକ୍ୟୁରିଟି ଜମା ହୋଇଛି ଏବଂ କେଉଁ ବ୍ୟାଙ୍କ/ଡିମାଟ ଆକାଉଣ୍ଟରୁ ଏହା କରାଯାଇଛି ତାହା ପ୍ରକାଶ କରିଥାଏ।
12. ଧ୍ୟାନ ଦିଅନ୍ତୁ ଯେ ଟ୍ରେଡ୍ ଯାଞ୍ଚ ସୁବିଧା ଷ୍ଟକ୍ ଏକ୍ସଚେଞ୍ଜର ୱେବସାଇଟରେ ଉପଲବ୍ଧ ରହିଛି, ଯେଉଁଠାରେ ଟ୍ରେଡର ସବିଶେଷ ବିବରଣୀ କଣ୍ଟ୍ରାକ୍ଟ ନୋଟରେ ଯେପରି ଉଲ୍ଲେଖ ହୋଇଛି ତାହା ଯାଞ୍ଚ ହୋଇପାରେ। ଯେଉଁ କ୍ଷେତ୍ରରେ ୱେବସାଇଟରେ ଥିବା ବିବରଣୀସମୂହ କଣ୍ଟ୍ରାକ୍ଟ ନୋଟରେ ଉଲ୍ଲେଖ ହୋଇଥିବା ସବିଶେଷ ସୂଚନା ମେଳ ଖାଏ ନାହିଁ, ସେହି ପରିସ୍ଥିତିରେ ସଙ୍ଗେ ସଙ୍ଗେ ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜର ପୁଞ୍ଜିନିବେଶକାରୀ ଅଭିଯୋଗ ପ୍ରକୋଷ୍ଠ ସହ ଯୋଗାଯୋଗ କରନ୍ତୁ|
13. ପ୍ରଚଳିତ ଅର୍ଥାତ୍ ରନିଂ ଆକାଉଣ୍ଟ ବଜାୟ ରଖିବା ପାଇଁ ଆପଣ ନିର୍ଦ୍ଦିଷ୍ଟ କ୍ଷମତା ପ୍ରଦାନ କରିବା କ୍ଷେତ୍ରରେ, ଅର୍ଥ ପଇଠ କିମ୍ବା ସିକ୍ୟୁରିଟିର ବିତରଣ (ଘଟଣା ଯାହା ହୋଇପାରେ), ଏକ୍ସଚେଞ୍ଜଠାରୁ ପଇଠ ଅର୍ଥାତ୍ ପେଆଉଟ୍ ପ୍ରାପ୍ତ ହେବାର ଗୋଟିଏ କାର୍ଯ୍ୟ ଦିବସ ମଧ୍ୟରେ ଆପଣଙ୍କୁ କରାଯାଇନପାରେ। ଅବଶ୍ୟ, ଷ୍ଟକ୍ ବ୍ରୋକର୍ ଆପଣଙ୍କ ପାଇଁ ରନିଂ ଆକାଉଣ୍ଟ ଚଳାଇବେ, ଯାହାକି ନିମ୍ନୋକ୍ତ ସର୍ତ୍ତଗୁଡ଼ିକ ଅନୁସାରେ ହୋଇଥାଏ:
    - କ. ଏହି କ୍ଷମତାପ୍ରଦାନ ଅର୍ଥାତ୍ ଅଥୋରାଇଜେସନ୍ କେବଳ ଆପଣଙ୍କ ଦ୍ୱାରା ସ୍ୱାକ୍ଷରିତ ହେବା ସହିତ ଏଥିରେ ତାରିଖ ରହିବ ଏବଂ ଏପରି ଧାରା ଧାରଣ କରିଥାଏ ଯାହା ମାଧ୍ୟମରେ ଆପଣ ତାହା ଯେ କୌଣସି ସମୟରେ ପ୍ରତ୍ୟାହାର କରିପାରିବେ।
    - ଖ. ପାଣ୍ଠି ଏବଂ ସିକ୍ୟୁରିଟିର ପ୍ରକୃତ ମୀମାଂସା ଷ୍ଟକ୍ ବ୍ରୋକରଙ୍କ ଦ୍ୱାରା କରାଯିବ, ତିନି ମାସରେ କିମ୍ବା ମାସକରେ ଥରେ, ଆପଣଙ୍କ ପସନ୍ଦ ଉପରେ ନିର୍ଭର କରିଥାଏ। ଆକାଉଣ୍ଟ ବନ୍ଦୋବସ୍ତ କରିବା ସମୟରେ, ବ୍ରୋକର୍ ଜଣଙ୍କ ଆପଣଙ୍କୁ ଆକାଉଣ୍ଟର ଏକ ଆକାଉଣ୍ଟ ବିବରଣୀ ପଠାଇବେ ଯାହା ପାଣ୍ଠି ପାଇଁ ଗ୍ରାହକ ଲେଜରରୁ ଏକ ଉଦ୍ଧୃତି ଧାରଣ କରିଥାଏ ଏବଂ ସିକ୍ୟୁରିଟି ରେଜିଷ୍ଟର୍ରୁ ଏକ ଉଦ୍ଧୃତି ଧାରଣ କରିଥାଏ ଯାହା ପାଣ୍ଠି ଏବଂ ସିକ୍ୟୁରିଟିର ସମସ୍ତ ରସିଦ/ବିତରଣ ପ୍ରଦର୍ଶନ କରିଥାଏ। ବିବରଣୀଟି ପାଣ୍ଠି ଏବଂ ସିକ୍ୟୁରିଟିର ରକ୍ଷଣ ଏବଂ ବନ୍ଧକ ହୋଇଥିବା ସେୟାରର ସବିଶେଷ ସୂଚନା ବ୍ୟାଖ୍ୟା କରିବ, ଯଦି କିଛି ଥାଏ।
    - ଗ. ବନ୍ଦୋବସ୍ତ ତାରିଖରେ, ଷ୍ଟକ୍ ବ୍ରୋକର୍ ହୁଏତ ବାକି ରହିଥିବା ନୈତିକ କର୍ତ୍ତବ୍ୟ ପରିପ୍ରେକ୍ଷୀରେ ଆବଶ୍ୟକ ସିକ୍ୟୁରିଟି/ପାଣ୍ଠି ରଖିପାରନ୍ତି ଏବଂ ଆହୁରି ମଧ୍ୟ ପରବର୍ତ୍ତୀ 5 ଦିନ ପାଇଁ ଡେରିଭେଟିଭ୍ ମାର୍ଜିନ୍ ବାକି ପୂରଣ କରିବାକୁ ଆବଶ୍ୟକ ହେବ ବୋଲି

ଆଶା କରାଯାଉଥିବା ପାଣ୍ଠି ରଖିପାରନ୍ତି, ଏହା ଏକ୍ସଚେଞ୍ଜଗୁଡ଼ିକ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଉପାୟରେ ହିସାବ କରାଯାଇଥାଏ, ଅର୍ଥ ବଜାର କାରବାର ଅର୍ଥାତ୍ କ୍ୟାସ ମାର୍କେଟ ଟ୍ରାଞ୍ଜାକ୍ସନ ଦୃଷ୍ଟିରୁ, ଷ୍ଟକ୍ ବ୍ରୋକର୍ ହୁଏତ ଗ୍ରାହକଙ୍କଠାରୁ ବନ୍ଦୋବସ୍ତ ତାରିଖ ପର୍ଯ୍ୟନ୍ତ ଏବଂ ପରବର୍ତ୍ତୀ ଦିନର ବ୍ୟବସାୟ ପାଇଁ ପ୍ରାପ୍ତ ହେବାକୁ ଥିବା ସମୁଦାୟ ପେ-ଇନ୍ ଅବ୍ଲିଗେସନ୍ ପାଣ୍ଠି ଏବଂ ସିକ୍ୟୁରିଟି ରଖିପାରନ୍ତି, ସେ ହୁଏତ ଅର୍ଥ ବଜାରରେ ଏହିଭଳି ବନ୍ଦୋବସ୍ତ ଦିନ କାର୍ଯ୍ୟକାରୀ ହୋଇଥିବା କାରବାରଗୁଡ଼ିକ ମୂଲ୍ୟର ବିସ୍ତୃତ ପରିସର ପର୍ଯ୍ୟନ୍ତ ପାଣ୍ଠି/ସିକ୍ୟୁରିଟି/ମାର୍ଜିନ୍ ରଖିପାରନ୍ତି।

ଘ. ଆକାଉଣ୍ଟ ବିବରଣୀ କିମ୍ବା ବନ୍ଦୋବସ୍ତରୁ ଉପୁଜିଥିବା ଯେକୌଣସି ବିବାଦ ଷ୍ଟକ୍ ବ୍ରୋକରଙ୍କୁ ପାଣ୍ଠି/ସିକ୍ୟୁରିଟି କିମ୍ବା ବିବରଣୀ ପ୍ରାପ୍ତ କରିବା ତାରିଖ ପରଠାରୁ, ଘଟଣା ଅନୁଯାୟୀ, 7 (ସାତ)ଟି କାର୍ଯ୍ୟ ଦିବସ ମଧ୍ୟରେ ଲିଖିତ ଭାବେ ସୂଚିତ କରିବା ଆବଶ୍ୟକ । ବିବାଦ କ୍ଷେତ୍ରରେ, ବିନା ବିଳମ୍ବରେ ଘଟଣାଟିକୁ ଲିଖିତ ଭାବେ ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜର ନିବେଶକାରୀ ଅଭିଯୋଗ ପ୍ରକୋଷ୍ଠକୁ ପ୍ରେରଣ କରନ୍ତୁ।

14. ଆପଣ ରନିଂ ଆକାଉଣ୍ଟ ଚଳାଇବା ପାଇଁ ମନୋନୟନ କରିନଥିବା ଏବଂ ପେ-ଆଉଟ୍ ପାଣ୍ଠି/ସିକ୍ୟୁରିଟି ଏକ୍ସଚେଞ୍ଜଠାରୁ ପେ-ଆଉଟ୍ ପ୍ରାପ୍ତ କରିବାର ପରବର୍ତ୍ତୀ କାର୍ଯ୍ୟ ଦିବସରେ ଗ୍ରହଣ କରାଯାଇନଥିବା କ୍ଷେତ୍ରରେ, ଦୟାକରି ଘଟଣାକୁ ଷ୍ଟକ୍ ବ୍ରୋକରଙ୍କୁ ପଠାନ୍ତୁ। ବିବାଦ ରହିଥିବା କ୍ଷେତ୍ରରେ, ସୁନିଶ୍ଚିତ କରନ୍ତୁ ଯେ ଆପଣ ସଙ୍ଗେ ସଙ୍ଗେ ଲିଖିତ ଭାବେ ଏକ ଅଭିଯୋଗ ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜର ନିବେଶକାରୀ ଅଭିଯୋଗ ପ୍ରକୋଷ୍ଠ ନିକଟରେ ଦାଖଲ କରିବେ।

15. ଷ୍ଟକ୍ ଏକ୍ସଚେଞ୍ଜରୁ ନିର୍ଦ୍ଦିଷ୍ଟ ଟ୍ରେଡିଂ ଦିବସ ଶେଷରେ, SMS କିମ୍ବା ଇମେଲ୍ ମାଧ୍ୟମରେ ଟ୍ରେଡ୍ ସୁନିଶ୍ଚିତତା ସତର୍କତା/ବିବରଣୀ ପ୍ରାପ୍ତ କରିବା ପାଇଁ, ଦୟାକରି ଷ୍ଟକ୍ ବ୍ରୋକରଙ୍କ ନିକଟରେ ଆପଣଙ୍କ ମୋବାଇଲ୍ ନମ୍ବର ଏବଂ ଇମେଲ୍ ଆଇଡି ପଞ୍ଜିକୃତ କରନ୍ତୁ।

**ଟ୍ରେଡିଂ ସଦସ୍ୟତା ସମାପ୍ତି ହେବା କ୍ଷେତ୍ରରେ**

16. ଯଦି, ଷ୍ଟକ୍ ବ୍ରୋକର୍ ତାଙ୍କର ସଦସ୍ୟତା ସମର୍ପଣ କରନ୍ତି, ସଦସ୍ୟ ପଦରୁ ବହିଷ୍କୃତ ହୁଅନ୍ତି କିମ୍ବା ଖିଲାପକାରୀ ଭାବେ ଘୋଷଣା କରାଯାଏ ଷ୍ଟକ୍ ଏକ୍ସଚେଞ୍ଜଗୁଡ଼ିକ ସେହି ପୁଞ୍ଜି ନିବେଶକାରୀଙ୍କଠାରୁ, କେବଳ "ଷ୍ଟକ୍ ଏକ୍ସଚେଞ୍ଜର ଟ୍ରେଡିଂ ସିଷ୍ଟମ୍ ଦ୍ୱାରା ସମ୍ପାଦିତ ହୋଇଥିବା କାରବାରଗୁଡ଼ିକ" ସହିତ ଜଡ଼ିତ ଦାବିଗୁଡ଼ିକ ଆମନ୍ତ୍ରଣ କରି ଏକ ସର୍ବସାଧାରଣ ବିଜ୍ଞପ୍ତି ପ୍ରଦାନ କରିଥାନ୍ତି। ଏହା ସୁନିଶ୍ଚିତ କରନ୍ତୁ ଯେ ଆପଣ ନିର୍ଦ୍ଧାରିତ ଅବଧି ମଧ୍ୟରେ ଏବଂ ଦାବିକୁ ସମର୍ଥନ କରୁଥିବା ଉପଯୁକ୍ତ ଡକ୍ୟୁମେଣ୍ଟ ସହିତ ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜ ନିକଟରେ ଏକ ଦାବି ଦାଖଲ କରିବେ।

17. ଆପଣଙ୍କ ଷ୍ଟକ୍ ବ୍ରୋକରଙ୍କ ନିକଟରେ ଆପଣ ଜମା କରିଥିବା ଟଙ୍କା ଏବଂ/କିମ୍ବା ସିକ୍ୟୁରିଟି ପ୍ରତି ମଞ୍ଜୁରପ୍ରାପ୍ତ ସୁରକ୍ଷା ସହିତ ନିଜକୁ ପରିଚିତ କରାନ୍ତୁ, ବିଶେଷକରି ଏକ ଖିଲାପି ଅର୍ଥାତ୍ ଡିଫଲ୍ଟ କିମ୍ବା ଷ୍ଟକ୍ ବ୍ରୋକରଙ୍କ ପରିଶୋଧ ଅକ୍ଷମତା କିମ୍ବା ଦେବାଳିଆପଣ ଘଟଣା କ୍ଷେତ୍ରରେ ଏବଂ ଆପଣ ଏହିଭଳି ଅର୍ଥ ଏବଂ/କିମ୍ବା ସିକ୍ୟୁରିଟି ପୁନରୁଦ୍ଧାର କରିପାରିବାର ବିସ୍ତୃତ ପରିସର ହୁଏତ ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜ, ଯେଉଁଠାରେ ଟ୍ରେଡ୍ କାର୍ଯ୍ୟକାରୀ କରାଯାଇଥିଲା, ତାହାର ଆଇନ୍ ଓ ନିୟମାବଳି ଏବଂ ସମୟାନୁଯାୟୀ ଲାଗୁ ନିବେଶକାରୀଙ୍କ ସୁରକ୍ଷା ପାଣ୍ଠିର ଯୋଜନା ଦ୍ୱାରା ପରିଚାଳିତ ହୋଇପାରେ।

**ବିବାଦ/ଅଭିଯୋଗ**

18. ଦୟାକରି ନୋଟ୍ କରନ୍ତୁ କି ମଧ୍ୟସ୍ଥତା ପ୍ରକ୍ରିୟାର ସବିଶେଷ ସୂଚନା, ବ୍ରୋକର୍ ଓ ପୁଞ୍ଜି ନିବେଶକାରୀଙ୍କ ବିପକ୍ଷରେ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ, ଷ୍ଟକ୍ ବ୍ରୋକରଙ୍କ ବିପକ୍ଷରେ ଅଭିଯୋଗ ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜର ୱେବସାଇଟରେ ପ୍ରଦର୍ଶିତ ହୋଇଥାଏ।

19. ଆପଣଙ୍କର ବାଦବିବାଦ/ସମସ୍ୟା/ଅଭିଯୋଗ ସମ୍ପୃକ୍ତ ଷ୍ଟକ୍ ବ୍ରୋକର୍/ଉପବ୍ରୋକରଙ୍କ ଦ୍ୱାରା ସମାଧାନ ନହେବା କ୍ଷେତ୍ରରେ ଆପଣ ସେହି ଘଟଣାକୁ ସମ୍ପୃକ୍ତ ଷ୍ଟକ୍ ଏକ୍ସଚେଞ୍ଜ ନିକଟରେ ଉପସ୍ଥାପନ କରିପାରନ୍ତି। ଯଦି ଆପଣ ଆପଣଙ୍କ ଅଭିଯୋଗର ସମାଧାନ ଉପରେ ସନ୍ତୁଷ୍ଟ ନୁହନ୍ତି ତେବେ ଆପଣ ସେହି ଘଟଣାକୁ SEBI ପାଖରେ ଉପସ୍ଥାପନ କରିପାରିବେ।

20. ଧ୍ୟାନ ଦିଅନ୍ତୁ ଯେ ସମସ୍ତ ଷ୍ଟକ୍ ବ୍ରୋକର୍/ଉପବ୍ରୋକର୍ ଅଭିଯୋଗଗୁଡ଼ିକ ପଞ୍ଜିକରଣ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଭାବରେ ଅଭିଯୋଗ ପ୍ରତିକାର ବିଭାଗ/ଅନୁପାଳନ ଅଧିକାରୀଙ୍କର ଏକ ଇମେଲ୍ ଆଇଡି ମନୋନୀତ କରିବା ପାଇଁ SEBI ଦ୍ୱାରା ପରିଚାଳିତ ହୋଇଥାନ୍ତି।